ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା

# ଅସ୍ଥାୟୀ ମଣ୍ଡପରେ ମା' ସାଆନ୍ତାଣୀ



ସାନଖେମୁଣ୍ଡି ୨୨।୫ (ସମିସ)

ପଳାଶପୁର ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ବୁଧବାରରୁ ଆରମ୍ଭ ହୋଇଛି। ଗ୍ରାମରେ ଥିବା ଅସ୍ଥାୟୀ ମଣ୍ଡପରେ ସାଜସଜ୍ଜା ସରିଥିଲା। ମା'ଙ୍କ ଆଗମନ ନେଇ ବୁଧବାର ପୂର୍ବାହ୍ନରେ ଅସ୍ଥାୟୀ ମଣ୍ଡପରେ ଝୋଟି ପକାଯାଇଥିଲା। ମା' ଠାକୁରାଣୀଙ୍କ ଆଗମନ ପୂର୍ବରୁ ମୁଖ୍ୟ ପୀଠରେ ବିଶେଷ ନୀତିକାନ୍ତି କରାଯାଇଥିଲା। ଭୋରରୁ ମା' ଠାକୁରାଣୀଙ୍କ ମାର୍ଜନା, ସିଙ୍ଗାର ମୁଖ, ଆଳତି ଓ ସର୍ବସାଧାରଣଙ୍କ ବାଳଭୋଗ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଆଳତି, ଦହି ଅନ୍ନ ଭୋଗ, ମଙ୍ଗଳ ଆଳତି ପରେ ଦେଶୀ ବେହେରାଙ୍କ ଡାକରା ଆସିଥିଲା। ଅପରାହ୍ନରେ ଠାକୁରାଣୀଙ୍କ ରାଜଭୋଗ ଓ ଅନ୍ନଭୋଗ କରାଯାଇଥିଲା। ଏହାପରେ ସେବାୟତଙ୍କ ଦ୍ୱାରା ମା'ଙ୍କ ଆଜ୍ଞାମାଳ ନିମନ୍ତେ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟାରେ ମା'ଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଖଟୁଲିକୁ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ବାଦ୍ୟ ବାଜଣା, ଘଣ୍ଟ, କୀର୍ତ୍ତନ, ଢୋଲ, ଶଙ୍ଖ, ମହୁରୀ, ହୁଳହୁଳି ନାଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁଯାୟୀ, ଏକ ସ୍ୱତନ୍ତ୍ର ଖଟୁଲିରେ ଜଣେ ଯୁବକ ମା'ଙ୍କୁ ମୁଣ୍ଡାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅସ୍ଥାୟୀ ମଣ୍ଡପକୁ ଆଣିଥିଲେ। ଅସ୍ଥାୟୀ ମଣ୍ଡପରେ ରୀତିନୀତି ସହ ପୂଜାର୍ଚ୍ଚନା ହୋଇଥିଲା। ଖଟୁଲୀରେ ଅଣାଯାଇଥିବା ମା'ଙ୍କ ପ୍ରତିମା ଉପରେ ରଖାଯିବା ସହ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। ଠାକୁରାଣୀଙ୍କ ଏହି ପଟୁଆରକୁ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ଆସନ୍ତା ଜୁନ ୫ ତାରିଖରେ ପୁଣି ଗ୍ରାମରେ ପରିକ୍ରମା କରିବେ। ୭ ଦିନ ଧରି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୧୧ ତାରିଖରେ ମା'ଙ୍କୁ ନିଜ ମନ୍ଦିରକୁ ନିଆଯିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

# ହିଞ୍ଜିଳିକାଟୁରେ ଲକ୍ଷ୍ମୀନୃସିଂହଙ୍କ ଯାତ୍ରା



**ହିଞ୍ଜିଳିକାଟୁ, ୨୨।୫(ସମିସ):** ହିଞ୍ଜିଳିକାଟୁ ସହରର ରଙ୍ଗଣୀ ସାହି ରାଜବାଟି ସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରଠାରେ ତ୍ରିଦିବସୀୟ ଲକ୍ଷ୍ମୀନୃସିଂହ ଠାକୁରଙ୍କ ଜନ୍ମୋତ୍ସବ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ସକାଳୁ ମାନସିକଧାରୀମାନେ ବିଭିନ୍ନ ପୌରାଣିକ ବେଶରେ ସଜ୍ଜିତ ହୋଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଶତାୟୁ ପୁରୁଣା ଏହି ଯାତ୍ରା ପାଇଁ ରଜାସାହି, ଜଗନ୍ନାଥମାର୍ଗ, କେଉଟ ସାହି, ଦେଓଘର ସାହି, ଥାନା ସାହି ଓ ପାଟଣା ସାହିରେ ରଥ ଓ କଳାକୁଞ୍ଜ ନିର୍ମାଣ ହୋଇଛି। ବୁଧବାର ପ୍ରଥମ ଦିନ ରାଜବାଟି ପକ୍ଷରୁ ଯାତ୍ରା ଆୟୋଜନ କରାଯାଉଥିବା ବେଳେ ଦ୍ୱିତୀୟ ଦିନ କେଉଟବାଡ଼ ଓ ଅନ୍ତିମ ଦିନ ଶୁକ୍ରବାରରେ ରଙ୍ଗଣିବାଡ଼ ପକ୍ଷରୁ ଠାକୁରଙ୍କ କାଟୁ ନଗର ପରିକ୍ରମା ଓ ପ୍ରସିଦ୍ଧ ବାଣ ଯାତ୍ରା ଅୟୋଜନ କରାଯିବ ବୋଲି ଯାତ୍ରା କମିଟି ସଭାପତି ପ୍ରମୋଦ ବେହେରା ସୂଚନା ଦେଇଛନ୍ତି। ସେହିଭଳି ପ୍ରଥମ ଦିବସରେ ଜଗବନ୍ଧୁ ପାଟଣା ସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପକ୍ଷରୁ ଠାକୁରଙ୍କ ନଗର ପରିକ୍ରମା ଓ ବାଣ ପଟୁଆର ଆୟୋଜନ ହୋଇଛି। ଯାତ୍ରା ସୁରୁଖୁରୁରେ ସମାପନ କରିବା ପାଇଁ ପୁଲିସ ଓ ପୌର ପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଯାତ୍ରା କମିଟିର ସମ୍ପାଦକ ଘନଶ୍ୟାମ ବେହେରା, ବିକ୍ରମ ବେହେରା, ମାନସ ରଞ୍ଜନ ବେହେରା, ଉଦୟ ନାଥ ବେହେରା, ଗୋପବନ୍ଧୁ ବେହେରା, ଭିକା ବେହେରା, ହିମାଂଶୁ ବେହେରା, ସନ୍ତୋଷ ବେହେରା ଓ ସିଲୁ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

■ ପାରିବାରିକ ଅଶାନ୍ତି

## ଶଶୁରଙ୍କ କାତି ଚୋଟରେ ବୋହୂ ଗୁରୁତର

**ଦିଗପହଣ୍ଡି, ୨୨।୫(ସମିସ)** ଦିଗପହଣ୍ଡି ବ୍ଲକ ଓଡ଼ାସିଙ୍ଗି ଗ୍ରାମରେ ବୁଧବାର ସକାଳ ପ୍ରାୟ ୮ ଟାରେ ଶଶୁର ଜାଗିଲି ରେ‡ୀଙ୍କ କାତି ଚୋଟରେ ବୋହୂ ବିଜୟଲକ୍ଷ୍ମୀ ରେ‡ୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପାରିବାରିକ ଅଶାନ୍ତିକୁ ନେଇ ସକାଳେ ଶଶୁର ଏବଂ ବୋହୂଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ବୋହୂ ବିଜୟଲକ୍ଷ୍ମୀ ଘରେ ରୋଷେଇ କରୁଥିବା ବେଳେ ଶ୍ୱଶୁର ଜାଗିଲି ଉତ୍ତ୍ୟକ୍ତ ହୋଇ କାତିରେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଚୋଟ ପକାଇବା ବେଳେ ସେ ଡାହାଣ ହାତ ଦେଖାଇ ଦେବାରୁ କାତି ବାଜି ହାତରେ ଗଭୀର କ୍ଷତ ହୋଇଥିଲା। ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଚନ୍ଦନ ଯାତ୍ରା ପାଇଁ ପଦାଧିକାରୀଙ୍କ ବୈଠକ

**ରମ୍ଭା, ୨୨।୫(ସମିସ):** ବୁଧବାର ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧ୍ୟକ୍ଷତାରେ ଚନ୍ଦନ ଯାତ୍ରା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିପିଏସଓଡିଏଲ, ପିଏଚଡି, ଫାୟାର, ପୁଲିସ ସମେତ ଆନୁସାଙ୍ଗିକ ଯାତ୍ରା ପ୍ରଯୁଜ୍ୟ ବିଭିନ୍ନ ବିଭାଗର ପଦାଧିକାରୀମାନଙ୍କୁ ନେଇ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ନିରବିଚ୍ଛିନ୍ନ ସେବାରେ ଯେପରି ତ୍ରୁଟି ନ ଘଟେ ସେପରି ଦୃଷ୍ଟି ଦେବା ପାଇଁ ମତପ୍ରକାଶ ପାଇଥିଲା। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ, ସାହି ବସ୍ତି ଛକ, ସ୍ପର୍ଶକାତର ଜାଗା ମାନଙ୍କରେ ଅତିରିକ୍ତ ପାଣି ଟାଙ୍କିର ବ୍ୟବସ୍ଥା, ସନ୍ଧ୍ୟା ୪ ଘଣ୍ଟିଆ ପରେ ମଦ ଦୋକାନ ବନ୍ଦ ପାଇଁ ଏକ୍ସ ସାଇଜ ବିଭାଗକୁ ଜଣାଇ ଦିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଏଥିସହ ସ୍ଥାନୀୟ ପୁଲିସ ପକ୍ଷରୁ ଚନ୍ଦନ ଯାତ୍ରା ପାଇଁ ଦୁଇ ଚକିଆ ପାର୍କିଂ ବ୍ୟବସ୍ଥା, ନାକା ବନ୍ଦି, ମଦ୍ୟପ ଉପରେ କଡା ନଜର, ଆଣ୍ଟି ସୋସିଆଲ ଉପରେ ତୀକ୍ଷ୍ଣ ଦୃଷ୍ଟି, ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ସମେତ ବିଶୃଙ୍ଖଳାକାରୀଙ୍କୁ ତୁରନ୍ତ ମୋକଦ୍ଦମା ରୁଜୁ କରାଯାଇ କୋର୍ଟ ଫରୱାର୍ଡ ହେବାର ବ୍ୟବସ୍ଥା ସମେତ ଅନେକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିୟା କହିଛନ୍ତି।

## ନୃସିଂହ ଠାକୁରଙ୍କ ପୂଜା ଉତ୍ସବ

**ଛତ୍ରପୁର, ୨୨।୫(ସମିସ):** ସ୍ଥାନୀୟ ନୀଳକଣ୍ଠେଶ୍ୱର ସାହିରେ ଥିବା ନୃସିଂହ ମନ୍ଦିର ପରିସରରେ ନୃସିଂହ ଠାକୁରଙ୍କ ଜୟନ୍ତୀ ପାଳନ କରାଯାଇଛି। ମଙ୍ଗଳବାର ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିବା ବେଳେ ବୁଧବାର ପ୍ରାତଃ ସମୟରୁ ମନ୍ଦିର ପରିସରରେ କର୍ମକାଣ୍ଡ ବିଶେଷଜ୍ଞ ସରୋଜ ଶତପଥୀ ଓ ଅଲେଖ ଶତପଥୀଙ୍କ ପୌରୋହିତ୍ୟରେ ପ୍ରଭୁ ନୃସିଂହଙ୍କ ମହା ସ୍ନାନ ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ହୋମ ଅନୁଷ୍ଠିତ ହୋଇଥିଲା। ଅଭିଜିତ ଚୌଧୁରୀ କର୍ତ୍ତା ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକ କଳା ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଥିଲା। ନାଟକ ଦେଖିବା ପାଇଁ ବହୁ କଳା ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ।

# ସୋରଡ଼ାରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ହିଂସା

**ସୋରଡ଼ା, ୨୨।୫(ସମିସ):** ଗତ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଗଞ୍ଜାମ ଜିଲ୍ଲାର ଆସିକା ସଂସଦୀୟ ମଣ୍ଡଳୀର ସୋରଡ଼ା ନିର୍ବାଚନମଣ୍ଡଳୀରେ ଶାନ୍ତି ଶୃଙ୍ଖଳାରେ ସରିଛି। କିନ୍ତୁ ନିର୍ବାଚନ ସରିବାର ଗୋଟିଏ ଦିନ ପରେ ମଙ୍ଗଳବାର ମଧ୍ୟ ରାତ୍ରିରେ ସୋରଡ଼ା ଥାନା ନିକଟ ବୁଗୁଡା ଗ୍ରାମ ଓ ରେଣ୍ଟି ଗ୍ରାମରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ବିଜେଡି ଦଳର ରେଣ୍ଟି ଗ୍ରାମର ପ୍ରଶାନ୍ତ ପ୍ରଧାନ ଓ ବୁଗୁଡା ଗ୍ରାମର ସୁଶାନ୍ତ ଗୌଡ଼ଙ୍କୁ ଆକ୍ରମଣ କରାଯାଇଛି। ପ୍ରଶାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ସୋରଡା ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ବୁଗୁଡା ଗ୍ରାମରେ କିଛି ବିଜେପି କର୍ମୀ ମଙ୍ଗଳବାର ରାତ୍ରି ୧୧ଟା ବେଳେ ମାରଣାସ୍ତ୍ର ଧରି କିଛି ଲୋକଙ୍କୁ ଭୟଭୀତ କରିବା ସହିତ କିଛି ଘରର କବାଟ ଭାଙ୍ଗି ଗାଳିଗୁଲଜ କରି ଗ୍ରାମର ସୁଶାନ୍ତ ଗୌଡ଼ଙ୍କୁ ଆକ୍ରମଣ କରିଥିଲେ। ସେହିପରି ରେଣ୍ଟି ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କୁ ମଧ୍ୟ କିଛି ବିଜେପି କର୍ମୀ ମାରଣାସ୍ତ୍ରରେ ମୁଣ୍ଡ ଓ ପିଠିକୁ ହାଣିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ବୁଗୁଡା ଗ୍ରାମର ପାଞ୍ଚ ଜଣ ଯୁବକ ଓ ରେଣ୍ଟି ଗ୍ରାମର ତିନି ଜଣକୁ ମିଶାଇ ୮ ଜଣଙ୍କୁ ଉଠାଇ ଆଣିଥିଲେ। ସେମାନେ ହେଲେ ସନ୍ତୋଷ କୁମାର ଗୌଡ଼, କାଶୀନାଥ ଗୌଡ଼ୟ, ଲିତୁ ପାଢ଼ୀ, ଯୋଗେନ୍ଦ୍ର ବେହେରା, ସଞ୍ଜୟ ମହାନ୍ତି, ବୁଲୁ ଗୌଡ଼, ରାଜୁ ଗୌଡ଼। ଏମାନଙ୍କ ନାମରେ ମାମଲା ରୁଜୁ ସହିତ ଗିରଫ କରି ତଦନ୍ତ ଚଳାଇଛନ୍ତି। ଏଏସ୍‌ଆଇ କୈଳାଶ ଚନ୍ଦ୍ର ସାହୁ ଓ ନିଜେ ଥାନାଧିକାରୀ ଅନିଲ କୁମାର ପରିଡ଼ା ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି।



■ ସିବିଏସ୍‌ଇ ପରୀକ୍ଷା

## ଆଦର୍ଶ ବିଦ୍ୟାଳୟର ନିରୁପମା ବ୍ଲକ ଟପ୍ପର୍



**ହୁମ୍ମା, ୨୨।୫(ସମିସ):** ରାଜ୍ୟରେ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ରାଜ୍ୟରେ ପାସ୍ ହାର ଶତକଡ଼ା ୯୬.୪୦ ପ୍ରତିଶତ ରହିଥିବା ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକର ଶତ୍ରୁଶୋଳ ଆଦର୍ଶ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଶ୍ରେଣୀର ଛାତ୍ରୀ ନିରୂପମା ତରେଇ ୯୫.୬% ମାର୍କ ରଖି ଟପ୍ପର ହୋଇଛନ୍ତି। ନିରୂପମା ପାଲୁର ଜଂକସନ୍ ଗ୍ରାମର ରଞ୍ଜନ କୁମାର ତରେଇଙ୍କ ଝିଅ। ସେପଟେ ସନିୟା ଛଟେଇ ସିବିଏସ୍‌ଇ ବର୍ଷ ଦଶମ ଶ୍ରେଣୀରେ ୯୫.୪% ମାର୍କ ରଖି ରାଙ୍କ-୨ ହାସଲ କରିଥିବା ବେଳେ, ଆଦର୍ଶ ସ୍ୱାଇଁ ୯୪.୨% ମାର୍କ ରଖି ର୍‍ୟାଙ୍କ ୩, ମୋନାଲିସା ବେହେରା ୯୪% ମାର୍କ ରଖି ରାଙ୍କ-୪, ଶତ୍ରୁଜିତ ସ୍ୱାଇଁ ର୍‍ୟାଙ୍କ-୯୨.୮% ମାର୍କ ରଖି ରାଙ୍କ-୫, ସ୍ନେହା ମୁଦୁଲି ୯୨.୬% ମାର୍କ ରଖି ରାଙ୍କ-୬, ବର୍ଷା ପ୍ରିୟଦର୍ଶିନୀ ୯୧.୮% ମାର୍କ ରଖି ର୍‍ୟାଙ୍କ-୭, ବିଶ୍ୱକେଶନ ନାହାକ ୯୦% ମାର୍କ ରଖି ର୍‍ୟାଙ୍କ-୮, ପ୍ରଜ୍ଞା ବେହେରା ୯୦% ମାର୍କ ରଖି ର୍‍ୟାଙ୍କ-୮ରେ ସଫଳତା ହାସଲ କରିଛନ୍ତି। ଶତ୍ରୁଶୋଳ ଆଦର୍ଶ ବିଦ୍ୟାଳୟର ମୋଟ ୮୩ ଛାତ୍ରଛାତ୍ରୀ ସଂଖ୍ୟା ମଧ୍ୟରୁ ୯୨.୭% ଛାତ୍ରଛାତ୍ରୀ ସଂଖ୍ୟା ଏହି ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପୁଇଁତୋଳାରେ ନୃସିଂହ ଚତୁର୍ଦ୍ଦଶୀ ପାଳିତ

**ଗଞ୍ଜାମ, ୨୨।୫(ସମିସ):** ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୃସିଂହ ଚତୁର୍ଦ୍ଦଶୀ ମହାସମାରୋହରେ ବୁଧବାର ପାଳିତ ହୋଇଥିଲା। ଏହି ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ପାଣି ଅଣାଯିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ଗାନ କରିଥିଲେ। ଏହି ଅବସରରେ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ହୋମରେ ରଞ୍ଜନ କୁମାର ସାହୁ ଓ ତାଙ୍କ ସହ ଧର୍ମିଣୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ଗଣେଶ ରଥ ଦେବ ଶର୍ମା ଓ ରାଜେନ୍ଦ୍ର ରଥ ଦେବ ଶର୍ମାଙ୍କ ବେଦ ମନ୍ତ୍ରଧ୍ୱନିରେ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନୃସିଂହ ଠାକୁରଙ୍କ ଆଳତି ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ନଗର କୀର୍ତ୍ତନ ଦ୍ୱାରା ସାହି ପରିକ୍ରମା କରାଯାଇଥିଲା। ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସାହିର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ହଜାର ହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆଳତି ସମୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭକ୍ତମାନେ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ବାଲି ସାହିରେ ମଧ୍ୟ ନୃସିଂହ ଚତର୍ଦ୍ଦଶୀ ପାଳିତ ହୋଇଥିଲା। ମୁଖ୍ୟ ପୂଜକ ଜଗନ୍ନାଥ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା।

## ନିର୍ବାଚନୀ ହିଂସା ଘଟଣାରେ ୧୦ ଗିରଫ

**ଭଞ୍ଜନଗର, ୨୨।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଗତ ୨୦ ତାରିଖରେ ଅନୁଷ୍ଠିତ ହୋଇଥିଲା। ହେଲେ ନିର୍ବାଚନ ପୂର୍ବ ଦିନ ରାତିରେ ଭଞ୍ଜନଗର ଥାନା ଡିହପଢ଼ାଳ ପଞ୍ଚାୟତ ବେତାର ଗ୍ରାମରେ ବିଜେଡି ଓ ବିଜେପି ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ କିଛି ଲୋକ ଆହତ ହୋଇ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଫଳରେ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ରାସ୍ତାରୋକ ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଭଞ୍ଜନଗର ଥାନାରେ ୪୫୮ ଓ ୪୫୯ରେ ଦୁଇଟି କେସ ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ବୁଧବାର କୁଲୁ ଭୂୟାଁ ସମେତ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଭଞ୍ଜନଗର ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି।

## ମାଳତୀରେ ଗୋଷ୍ଠ ଶୀତଳ ଉତ୍ସବ

**ବେଲଗୁଣ୍ଠା, ୨୨।୫(ସମିସ):** ଗାଙ୍ଗପୁର ଥାନା ଅନ୍ତର୍ଗତ ମାଳତୀ ଗ୍ରାମରେ ଗୋଲା ସମ୍ପ୍ରଦାୟର ଐତିହାସିକ ତଥା ପାରମ୍ପରିକ ପର୍ବ ଗୋଷ୍ଠ ଶୀତଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାତିରେ ରୀତିନୀତି ମୁତାବକ ସମ୍ପ୍ରଦାୟ ପକ୍ଷରୁ ଗ୍ରାମର ଆରାଧ୍ୟା ମା' ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଆରମ୍ଭ ହେବା ସହିତ ବୁଧବାର ଏହି କାର୍ଯ୍ୟକ୍ରମ ସମାପ୍ତ ହେବା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ଠାକୁରାଣୀଙ୍କ ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହେବା ସହିତ ଗ୍ରାମବାସୀ ନିଜ ଗୃହପାଳିତ ଛେଳି ମେଣ୍ଢା ଗୋଠର ସୁରକ୍ଷା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୋଷ୍ଠ ଶୀତଳ ଉତ୍ସବ ସ୍ଥାନୀୟ ଗୋଲା ସମ୍ପ୍ରଦାୟର ପାରମ୍ପରିକ ବାର୍ଷିକ ଉତ୍ସବ ହୋଇଥିବା ବେଳେ ପ୍ରତିବର୍ଷ ଏହା ବୈଶାଖ ମାସ ଶୁକ୍ଳ ପକ୍ଷ କୌଣସି ଏକ ମଙ୍ଗଳବାର ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ପର୍ବରେ ଗ୍ରାମବାସୀ ନିଜ ନିଜର ଗୃହପାଳିତ ଛେଳି ମେଣ୍ଢାଙ୍କ ସ୍ୱାସ୍ଥ୍ୟ ରକ୍ଷା ତଥା ଫାଟୁଆ ଏବଂ ଅନ୍ୟ ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ମା' ଠାକୁରାଣୀଙ୍କ ନିକଟରେ ପୂଜା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଚଳିତ ବର୍ଷ ଉତ୍ସବରେ ମାଳତୀ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ନିକଟସ୍ଥ ମୁନିଗାଡ଼ି, କେଶରାପଲ୍ଲୀ, ଗାଙ୍ଗପୁର, ସାନ ସାଦରା ଆଦି ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା।

## ପ୍ରଭୁ ନୃସିଂହଙ୍କ ନଗର ପରିକ୍ରମା



**କବିସୂର୍ଯ୍ୟନଗର, ୨୨।୫(ସମିସ):** କବିସୂର୍ଯ୍ୟନଗର ଉପକଣ୍ଠରେ ବିରାଜମାନ ଶ୍ରୀ ଯଟେଶ୍ୱର ବେଢ଼ା ମଧ୍ୟରେ ପୂଜା ପାଉଥିବା ନୃସିଂହ ମହାପ୍ରଭୁଙ୍କ ଆଜି ହେଉଛି ପବିତ୍ର ଜନ୍ମଦିନ। ଏହି ଅବସରରେ ପ୍ରଭୁ ଶ୍ରୀବଳଦେବ ଜୀଉ ନୃସିଂହ ବେଶ ଧାରଣ କରିଥିଲେ। କବିସୂର୍ଯ୍ୟନଗର ଏନ୍‌ଏସି ତଥା ଗ୍ରାମାଞ୍ଚଳରେ ଥିବା ନୃସିଂହ ମନ୍ଦିର ଚଳଚଞ୍ଚଳ। ମହାପ୍ରଭୁଙ୍କୁ ପ୍ରାତଃ ସ୍ନାନ ପୂର୍ବକ ପୂଜାବିଧି ସମାପନ କରି ଆଜି ସନ୍ଧ୍ୟାରେ ନଗର ପରିକ୍ରମା କରିଥିଲେ। ଏକ ସୁସଜ୍ଜିତ ରଥରେ ମହାପ୍ରଭୁଙ୍କୁ ବସାଇ ଭକ୍ତଗଣ ଟାଣି ଟାଣି ସାହିକୁ ସାହି ପରିକ୍ରମା କରିଥିଲେ। ଏଥିରେ ଯଟେଶ୍ୱର ଓ ନୃସିଂହ ମହାପ୍ରଭୁ ଯୁବ ସଂଘ ସହଯୋଗ କରିଥିଲେ। ପ୍ରତ୍ୟେକ ଭକ୍ତ ଦୀପ, ଧୂପ ପ୍ରଦାନ ପୂର୍ବକ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ।

## ମା' ବ୍ରାହ୍ମଣ ଦେବୀଙ୍କ ଯାତ୍ରାରେ ଭକ୍ତଙ୍କ ଭିଡ଼



**ଭଞ୍ଜନଗର, ୨୨।୫(ସମିସ):** ଭଞ୍ଜନଗର ଭେଜିପୁଟଠାରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଛି ଐତିହାସିକ ମା' ବ୍ରାହ୍ମଣ ଦେବୀ ଠାକୁରାଣୀ ଯାତ୍ରା। ହେଲେ ନିର୍ବାଚନକୁ ଦୃଷ୍ଟିରେ ରଖି ମା'ଙ୍କର ଯାତ୍ରାରେ କିଛିଟା ପରିବର୍ତ୍ତନ କରାଯାଇଛି। ୧୮ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ମା' ବ୍ରାହ୍ମଣ ଦେବୀ ବଡ଼ ଦାଣ୍ଡ ଠାରେ ନିଜ ଅସ୍ଥାୟୀ ମଣ୍ଡପରେ ରହି ଭକ୍ତଙ୍କୁ ଦର୍ଶନ ଦେଉଥିଲେ। ଫଳରେ ସକାଳେ ଓ ସନ୍ଧ୍ୟା ଆଳତି ସମୟରେ ଦେବୀଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସୋମବାର ଦେବୀଙ୍କ ପ୍ରଥମ ନଗର ଭ୍ରମଣ ଦିବସରେ ମାଆ ଆଳତି ସମାପନ ପରେ ମଣ୍ଡପରୁ ଘଣ୍ଟ, ଘଣ୍ଟା, ଢୋଲ, ପଶୁମୁଖା ନୃତ୍ୟ ଆଦି ବିରାଟ ଶୋଭାଯାତ୍ରାରେ ବାହାରି ମେନ ରୋଡ୍, କୁମ୍ଭାର ସାହି ଓ କୋଳି ସାହି ହୋଇ ବିଳମ୍ବିତ ରାତିରେ ଗମ୍ଭୀରାକୁ ଫେରିଥିଲେ। ସେହିପରି ବୁଧବାର ଦ୍ୱିତୀୟ ଦିନରେ ମଧ୍ୟ ବିରାଟ ପଟୁଆରରେ ମାଆ ବାଲି ସାହି, କେନାଲ ସାହି, ବାଙ୍କସାଲ ସାହି ହୋଇ ମଣ୍ଡପକୁ ଫେରିଥିଲେ। ଦୀର୍ଘ ଦିନ ପରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଭରି ରହିଛି।

# ମା' ଫୁଲସୁନ୍ଦରୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ



ପାରଳାଖେମୁଣ୍ଡି, ୨୨।୫(ସମିସ)

ପାରଳାଖେମୁଣ୍ଡି ସହରର ସମୁଟିଆ ସାହି ରେ ସାତ ଦିନ ଧରି ଚାଲୁ ରହିଥିବା ମା ଫୁଲସୁନ୍ଦରୀ ଠାକୁରାଣୀ ଯାତ୍ରା ଉଦଯାପିତ ହୋଇଛି। ମଙ୍ଗଳବାର ରାତି ଠାରୁ ସହର ପରିକ୍ରମା କରି ବୁଧବାର ୧୨ ଘଣ୍ଟା ସମୟରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମରେ ଯାତ୍ରା ଉଦଯାପିତ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ଏହି ସାହିର ବାସିନ୍ଦା ଠାକୁରାଣୀ ଯାତ୍ରାରେ ସାମିଲ ହୋଇଥିଲେ। ପ୍ରତି ପାଞ୍ଚ ବର୍ଷରେ ହେଉଥିବା ଏହି ଠାକୁରାଣୀ ଯାତ୍ରା ଅତି ଜାକଜକମ ଏବଂ ହଜାର ହଜାର ସଂଖ୍ୟକ ସାହି ଏବଂ ଅଞ୍ଚବାସିନ୍ଦାଙ୍କ ସମାଗମରେ ଏକ ସପ୍ତାହ ଧରି ବହୁ ଧୂମଧାମରେ ହୋଇଥିଲା। ପ୍ରତ୍ୟେକ ସାହିକୁ ଆଲୋକ ମାଳରେ ସଜାଯାଇଥିଲା। ସ୍ଥାନୀୟ ଲୋକେ ଭକ୍ତିଭାବପୂର୍ଣ୍ଣରେ ମା'ଙ୍କୁ ବିଦାୟ ଦେଇଥିଲେ। ପୁଣି ପାଞ୍ଚ ବର୍ଷକୁ ଏବେଠାରୁ ଅପେକ୍ଷା କରିବାକୁ ପଡ଼ିବ ବୋଲି କିଛି ଭକ୍ତ ଜଣାଇଛନ୍ତି। ଏକ ସପ୍ତାହ ଧରି ଠାକୁରାଣୀ ଯାତ୍ରା ଶାନ୍ତି ଶୃଙ୍ଖଳା ଭାବେ ପାଳନ ହୋଉଯାଇଛି ବୋଲି କମିଟି ସଦସ୍ୟ ଜାନକୀ ବେହେରା, କୃଷ୍ଣ ବେହେରା, ଗଙ୍ଗା ବେହେରା, ମଧୁ ବେହେରା ଓ ଗୌରୀ ପ୍ରଧାନ କହିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କାମଦେବ ଯେନା
(ଅବସରପ୍ରାପ୍ତ ପୋଷ୍ଟମାଷ୍ଟର)
ଗୋବିନ୍ଦପୁର, ପ୍ରିତିପୁର, ଯାଜପୁର
ଆବିର୍ଭାବ: ୨୮.୦୫.୧୯୬୧
ତିରୋଧାନ: ୧୩.୦୫.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ମାଆ- ଲକ୍ଷ୍ମୀ ଯେନା, ପତ୍ନୀ-ସ୍ନେହଲତା ଯେନା, ପୁତ୍ର- କନୁଜେୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ନାତି- ଜୟଦୀପ ଓ ରୁଦ୍ରାଂଶ




### ଆମ୍ବ ବେପାରର ପେଣ୍ଠସ୍ଥଳ ବ୍ରହ୍ମପୁର ନୀଳକଣ୍ଠେଶ୍ୱର ଆମ୍ବ ବଜାର

# ବଢୁଛି ଚାହିଦା, ଆମଦାନୀ ହେଉଛି ୩୪୦ ଟନ୍







**ବ୍ରହ୍ମପୁର,୨୨।୫(ସମିସ):** ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟ ବାହାରୁ ଆମ୍ବ ରପ୍ତାନି କ୍ଷେତ୍ରରେ ବ୍ରହ୍ମପୁର ଶ୍ରୀ ନୀଳକଣ୍ଠେଶ୍ୱର ଆମ୍ବ ବଜାରର ବିଶେଷ ଚାହିଦା ରହିଛି। ଏହି ବଜାରକୁ ପ୍ରତିଦିନ ୩୪୦ଟନ୍ ଆମ୍ବ ଆମଦାନୀ ହୋଇଥାଏ। ଯାହାକୁ ନେଇ ଉକ୍ତ ବଜାର ଏକ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅନ୍ୟପକ୍ଷରେ ପକ୍ଷରେ ଆଉ ଦିନ କେଇଟା ପରେ ପବିତ୍ର ସାବିତ୍ରୀ ଅମବାସ୍ୟା ଥିବାରୁ ଆମ୍ବର ଚାହିଦା ବଢ଼ିବା ସହ ବଜାର ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇପଡ଼ିଛି। ଦିନସାରା ଭିଡ଼ ପରିଲକ୍ଷିତ ହେଉଛି। ପ୍ରତିଦିନ ଶହଶହ ଟନ୍‌ର ନାନା ରକମର ଆମ୍ବ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଆମଦାନୀ ହୋଇ ଆସୁଛି। ତାହା କେବଳ ବ୍ରହ୍ମପୁର ବଜାର ଅବା ଗଞ୍ଜାମ ଜିଲ୍ଲା ନୁହେଁ, କଟକ, ଭୁବନେଶ୍ୱରଠାରୁ ଆରମ୍ଭ କରି ବଲାଙ୍ଗୀର, ସମ୍ବଲପୁର, ପୁରୀ, କେନ୍ଦ୍ରାପଡା ଆଦି ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ଏପରିକି ରାଜ୍ୟ ବାହାରେ ଥିବା ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ରାୟପୁରକୁ ମଧ୍ୟ ରପ୍ତାନୀ ହେଉଛି। ପ୍ରତିଦିନ ଗୋଟିଏ ପରେ ଗୋଟିଏ ଟ୍ରକ୍, ପିକ୍‌ଅପ୍ ଗାଡ଼ି ଲାଗୁଛି। କେଉଁଥିରୁ ଆମ୍ବ ପେଟି ଓହ୍ଲାଯାଉଛି ତ ଆଉ କେଉଁଥରେ ଆମ୍ବ ପେଟି ଭର୍ତ୍ତି କରାଯାଉଛି, ଅନ୍ୟସ୍ଥାନକୁ ପଠାଇବା ପାଇଁ। ଶହଶହ ମୂଲିଆ ଏଥିରେ ନିୟୋଜିତ ଅଛନ୍ତି। ତେବେ ଚାହିଦା ମୁତାବକ ଆମଦାନୀ ବୃଦ୍ଧି ପାଇଥିବାରୁ ଏବେ ଦର ମଧ୍ୟ ପୂର୍ବାପେକ୍ଷା ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ବଜାରରେ ୫୨ଟି ଦୋକାନ ଘର ଥିବାବେଳେ ଏବେ ସବୁ ଦୋକାନରେ କେବଳ ଆମ୍ବ ହିଁ ବିକ୍ରି ହେଉଛି। ବ୍ରହ୍ମପୁର ସହରର ଆମ୍ବ ବଜାର ବହୁ ବର୍ଷର ପୁରୁଣା ରହିଛି। ଏହି ବଜାର ପ୍ରଥମେ ସହରର ଗିରିମାର୍କେଟରେ ଆରମ୍ଭ ହୋଇଥିଲା। କିଛି ବର୍ଷପରେ କୌଣସି କରଣକୁ ନେଇ ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଆମ୍ବ ମାର୍କେଟରେ ବହୁ ବ୍ୟବସାୟୀ ଆମ୍ବ ବିକ୍ରି କରିଥିଲେ। ଉକ୍ତ ସ୍ଥାନରେ ଦୀର୍ଘ ୩୦ରୁ ୩୫ ବର୍ଷ ପରେ ଏହି ବଜାର ୧୯୯୫ମସିହାରେ ମୀନାକ୍ଷୀନଗର ସ୍ଥିତ ସ୍ଥାନାନ୍ତରିତ ହୋଇଥିଲା। ସେଠାରେ କିଛି ବ୍ୟବସାୟୀ ଏକତ୍ରିତ ହୋଇ ଶ୍ରୀ ନୀଳକଣ୍ଠେଶ୍ୱର ଆମ୍ବବଜାର ବଜାର ସଂଘ ସୃଷ୍ଟି କରିଥିଲେ। ସଂଘର ୫୨ଜଣ ସଦସ୍ୟ ରହିଛନ୍ତି। ଉଦୟଗିରି ସମେତ କିଛି ଅଞ୍ଚଳ ଠୁରୀ ଆମ୍ବ ମଧ୍ୟ ବଜାରକୁ ଆସିଥାଏ। ସେଥି ମଧ୍ୟରୁ ଅମୃତକଳସୀ, ଆଖୁ ରାସ ବାଇଗଣପଲ୍ଲୀ, ସୁବର୍ଣ୍ଣରେଖା, ନଡ଼ିଆ ଆମ୍ବ, କତପଲ୍ଲୀକବାରି ଓ ଉମାପସନ୍ ଆମ୍ବର ଚାହିଦା ବେଶ୍ ରହିଛି। ପ୍ରାୟ ଶତକଡା ୮୫ଭାଗ ଆମ୍ବ ପଡୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗର, ରାଜମହେନ୍ଦ୍ରୀ, ତୁଣି ଆଦି ସ୍ଥାନରୁ ଆମଦାନୀ ହୋଇଥାଏ। ଆମ୍ବ ଦର ହୋଲସେଲରେ କିଲୋ

**ଅମୃତକଳସୀ, ଆଖୁରସ, ବାଇଗଣପଲ୍ଲୀ, ସୁବର୍ଣ୍ଣରେଖା ଓ ନଡ଼ିଆ ଆମ୍ବର ଚାହିଦା ଅଧିକ**

**ଆନ୍ଧ୍ରପ୍ରଦେଶରୁ ଆମଦାନୀ ହୁଏ ୮୫ ପ୍ରତିଶତ**

**ବ୍ରହ୍ମପୁରରୁ ରପ୍ତାନୀ ହେଉଛି ଶହ ଶହ ଟନ୍**

ସେଥି ମଧ୍ୟରୁ ୨୫ହୋଲସେଲ ବ୍ୟବସାୟୀ ରହିଥିବା ବେଳେ ବଳକା ବ୍ୟବସୟୀ ମାନେ ବଜାର ମଧ୍ୟରେ ଖୁଚୁରା ବ୍ୟବସାୟ କରିଥାନ୍ତି। ଆନ୍ଧ୍ରପ୍ରଦେଶରୁ ବାଇଗଣୀପଲ୍ଲୀ, ସୁନ୍ଦରୀ, ଆଖୁରସ ଓ ତୋଟାପଲ୍ଲୀ ଆମ୍ବ ବଜାରକୁ ଆସିଥାଏ। ସେହିପରି ଓଡ଼ିଶାର ଢେଙ୍କାନାଳରୁ ମଧ୍ୟ ଲେଙ୍ଗେଡ଼ା, ଅମରାପଲ୍ଲୀ, ସଉସା ଓ ଦଶରୀ ଆମଦାନୀ ହୋଇଥାଏ। ଏହା ସହ ଗଞ୍ଜାମରୁ ଚିକିଟି, ବନ୍ଥପଲ୍ଲୀ, ଆସିକା, ମହୁଡ଼ା, ଟାମାଣା ଓ ଟଙ୍କିଆ ସମେତ ଅନ୍ୟାନ୍ୟ ସ୍ଥାନରୁ ଦେଶୀ ଆମ୍ବ ବଜାରକୁ ଆସିଥାଏ। ଗଜପତି ଜିଲ୍ଲାର ପିଛା ଦର ୩୫ରୁ ୪୦ଟଙ୍କା ରହୁଥିବା ବେଳେ ଖୁଚୁରାରେ ୧୦ରୁ ୧୫ଟଙ୍କା ବୃଦ୍ଧି କରି ବଜାରରେ ବିକ୍ରି ହୋଇଥାଏ ବୋଲି ହେଲସେଲ ଆମ୍ବ ବ୍ୟବସାୟୀ ତଥା ଶ୍ରୀ ନୀଳକଣ୍ଠେଶ୍ୱର ଆମ୍ବ ବଜାର ସଂଘର ସଭାପତି ସୁବାସ କୁମାର ସାହୁ କହିଛନ୍ତି। ପ୍ରତି ବର୍ଷ ମାର୍ଚ୍ଚ ମାସରୁ ଜୁଲାଇ ମାସ ମଧ୍ୟରେ ଏହି ବ୍ୟବସାୟ ହୋଇଥାଏ। ଏଥି ମଧ୍ୟରେ ପ୍ରତ୍ୟେକ ଦିନ ୯୦ରୁ ୧୨୦ ଗାଡ଼ି ଆମ୍ବ ବଜାରକୁ ଆସିଥାଏ। ଗୋଟିଏ ଗାଡ଼ିରେ ଅଢେଇ ଟନରୁ ୩ଟନ ଓଜନର ଆମ୍ବ ରହିଥାଏ। ଏଭଳି ଭାବେ ଗୋଟିଏ ଦିନରେ ପ୍ରାୟ ୩୪୦ ଟନ୍ ଆମ୍ବ ଆସୁଛି ବୋଲି ଶ୍ରୀ ସାହୁ କହିଛନ୍ତି। ସେହିପରି ବ୍ରହ୍ମପୁର ସହରରେ ପ୍ରାୟ ଏକ ହଜାରରୁ ଉଜାର ଖୁଚୁରା ବ୍ୟବସାୟୀ ରହିଥିବା ବେଳେ ପ୍ରତି ଦିନ ୩୦ଟନ୍ ଆମ୍ବ ବଜାରରେ ବିକ୍ରି ହୋଇଥାଏ। ବର୍ଷକରେ ୬ମାସ ଆମ୍ବ ଉପଲବ୍ଧ ହେଉଥିବାରୁ ଏହି ସମୟରେ ବ୍ୟବସାୟୀମାନେ କେବଳ ଆମ୍ବ ବ୍ୟବସାୟ କରିଥାନ୍ତି। କିନ୍ତୁ ଅନ୍ୟ ୬ମାସ ବ୍ୟବସାୟୀମାନେ ସେଓ, ଅଙ୍ଗୁର, କମଳା ଆଦି ନାନାପ୍ରକାରର ଫଳ ବିକ୍ରି କରିଥାନ୍ତି। ଏଭଳି ବର୍ଷ ସାରା ଏହି ବଜାର କାର୍ଯ୍ୟକ୍ଷମ ରହିଥାଏ।

## ବାପାଙ୍କୁ ହତ୍ୟା ଉଦ୍ୟମ କରି ପୁଅ ଗିରଫ

**ବ୍ରହ୍ମପୁର,୨୨।୫(ସମିସ):** ନିଜ ବାପାକୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗେଟ ବଜାର ଧୋବା ସାହିର ବାପୁଲୁ ରାଓ(୩୫) । ସୂଚନାଯୋଗ୍ୟ ଯେ, ଗତକାଲି ସୀମାଦ୍ରୀ ରାଓ(୫୪) ନିଜ ଦୋକାନରେ ଥିବା ବେଳେ ବଡ଼ ପୁଅ ତଥା ଅଭିଯୁକ୍ତ ବାପୁଲୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଠେଙ୍ଗା ସାହାଯ୍ୟରେ ହାତକୁ ଆକ୍ରମଣ କରିଥିଲା ।ଏଥିରେ ବାପା ସୀମାଦ୍ରୀର ଡାହାଣ ହାତ ଭାଙ୍ଗି ଯାଇଥିଲା । ଯାହା ଫଳରେ ସେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ପୂର୍ବରୁ ମଧ୍ୟ ଏକାଧିକ ଥର ସୀମାଦ୍ରୀକୁ ସେ ଆକ୍ରମଣ କରିଥିଲେ ହେଁ ସେ ଥାନାରେ କୌଣସି ଅଭିଯୋଗ କରିନଥିଲେ । ଗତକାଲି ଠେଙ୍ଗାରେ ଆକ୍ରମଣ କରିଥିଲେ ତେଣୁ ବାଧ ହୋଇ ସେ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଘଟଣା ବିଷୟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ବାପୁଲୁଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତ ଅଧିକାରୀ ତଥା ଏସଆଇ ସିଲୁ ଧଳ ସୂଚନା ଦେଇଛନ୍ତି।

## ଜେଲରୁ ବାହାରିଲେ ନାରାୟଣଙ୍କ ସମେତ ୩ ଜଣ





**ବ୍ରହ୍ମପୁର,୨୨।୫(ସମିସ):** ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡି(୬୮) ବୁଧବାର ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଆନ୍ତରୀଣ ଜାମିନରେ ବାହାରିଛନ୍ତି। ହାଇକୋର୍ଟରୁ ମିଳିଥିବା ଆନ୍ତରୀଣ ଜାମିନ ବଳରେ ଆଜି ସନ୍ଧ୍ୟାରେ ନାରାୟଣଙ୍କ ସମେତ ଚମାଖଣ୍ଡିର ଏନ. ଦିଲିପ ରେଡ୍ଡି(୫୦) ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମା(୫୩) ଆଜି କାରାଗାରରୁ ବାହାରକୁ ବାହାରିଛନ୍ତି। ସୂଚନାଯୋଗ୍ୟ ଯେ, ୨୬ବର୍ଷ ପୂର୍ବେ ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ବେଳେ ବୋମା ମାଡରେ ରିଜର୍ଭ ଇନ୍ସପେକ୍ଟର ବିନୋବା ମେହେରଙ୍କ ମୃତ୍ୟୁ ମାମଲାର ବିଚାରଣା କରି ୨୦୨୩ ଜୁଲାଇ ୩୧ ତାରିଖରେ ବ୍ରହ୍ମପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଜଜ-୩ ଅଦାଲତ(ସାଂସଦ ଓ ବିଧାୟକଙ୍କ ମାମଲା ବିଚାରଣା ପାଇଁ ଗଠିତ ଅଦାଲତ) ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ମୋଟ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନାରାୟଣ, କାମରାଜୁ ଓ ଦିଲିପ ସମେତ ମୋଟ ୧୩ ଜଣ ଦୋଷୀଙ୍କୁ ମଣ୍ଡଳ କାରାଗାରକୁ ପଠାଯାଇଥିଲା। ସେବେଠାରୁ ସମସ୍ତ ଦୋଷୀ ମଣ୍ଡଳ କାରାଗାରରେ ଦିନ କାଟୁଥିଲେ। ଏହା ଭିତରେ ଅତିରିକ୍ତ ଜିଲ୍ଲା ଜଜ-୩ଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ନାରାୟଣଙ୍କ ସହ ଅନ୍ୟ ଦୋଷୀମାନେ ନିଜ ଓକିଲଙ୍କ ଜରିଆରେ ହାଇକୋର୍ଟରେ ମୋଟ ୫ଟି ଅପିଲ ଦାୟର କରିଥିଲେ। ହାଇକୋର୍ଟର ୨ଜଣିଆ ଖଣ୍ଡପୀଠ ଉକ୍ତ ୫ଆବେଦନର ଏକତ୍ର ଶୁଣାଣି କରିବା ସହ ସମସ୍ତ ଦୋଷୀଙ୍କୁ ୮ ସପ୍ତାହ ପାଇଁ ଆନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଆଜି ନାରାୟଣଙ୍କ ଓକିଲ ଶିଶିର ପାଢୀ ହାଇକୋର୍ଟରୁ ମିଳିଥିବା ଆନ୍ତରୀଣ ଜାମିନ ସମ୍ପର୍କିତ କାଗଜପତ୍ର ଓ ବଣ୍ଡ ଅତିରିକ୍ତ ଜିଲା ଜଜ୍-୩ କୋର୍ଟରେ ଦାଖଲ କରିଥିଲେ। ସେହିକ୍ରମରେ ଉପରୋକ୍ତ ୩ ଜଣ କାରାଗାରରୁ ମୁକୁଳିଥିବା ଜଣାପଡିଛି। ପ୍ରକାଶଥାଉକି, ୧୯୯୮ ଜୁନ ୧୮ ତାରିଖରେ ଟାଟା କମ୍ପାନୀ ପକ୍ଷରୁ ଜମି ଅଧିଗ୍ରହଣ ପ୍ରସଙ୍ଗକୁ ନେଇ ପୁଲିସ ଓ ଜନତାଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ସମୟରେ ଜନତାଙ୍କ ପକ୍ଷରୁ ବୋମା ମାଡ କରାଯିବାରୁ ତତକାଳୀନ ରିଜର୍ଭ ଇନ୍ସପେକ୍ଟର ବିନୋବା ମେହେରଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଛତ୍ରପୁର ଥାନାରେ ନାରାୟଣଙ୍କ ସମେତ ମୋଟ ୨୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

## ଯୁବକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍, ଜଣେ ଗିରଫ

**ବ୍ରହ୍ମପୁର,୨୨।୫(ସମିସ):** ଜଣେ ଯୁବକଙ୍କୁ ଆକ୍ରମଣ କରି ତାଙ୍କଠାରୁ ଟଙ୍କା ଲୁଟ କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣା ବ୍ରହ୍ମପୁରର ବିନାୟକ ଗୌଡ(୧୯) ।ସୂଚନାଯୋଗ୍ୟ ଯେ, ଗତ ୧୪ତାରିଖରେ ବଡବଜାର ଥାନା ଅନ୍ତର୍ଗତ ଆଇନାବନ୍ଧ ଝରଣାନଗର ସାହିର ଏନ. ଆଶିଷ ନିଜ କାମକୁ ଯାଉଥିଲେ। ଏହି ସମୟରେ କରଣ ସାହିଠାରେ ଅଭିଯୁକ୍ତ ବିନାୟକ ଗୌଡ ଓ ଅନ୍ୟ ୩ଜଣ ମିଶି ତାଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମୋବାଇଲ ଛଡାଇବାକୁ ଚେଷ୍ଟା କରିଥିଲେ। ଆଶିଷ ଏହାର ପ୍ରତିବାଦ କରିବାକୁ ଅଭିଯୁକ୍ତମାନେ ତାଙ୍କୁ ଜୋର ଜବରଦସ୍ତ ବାଇକରେ ବସାଇ ପାଣ୍ଡବନଗରଠାରେ ଥିବା ଶ୍ମଶାନକୁ ନେଇ ଯାଇଥିଲେ। ସେଠାରେ ମାରପିଟ କରିବା ସହ ତାଙ୍କ ମୋବାଇଲର ପାସୱାର୍ଡ ଖୋଲିବାକୁ କହିଥିଲେ। ହେଲେ ସେ ପାସୱାର୍ଡ ଖୋଲିବାକୁ ମନା କରିବାକୁ ଛୁରୀ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ଆଶିଷ ପାୱାର୍ଡ କହିବା ପରେ ତାଙ୍କ ମୋବାଇଲର ଫୋନ-ପେରୁ ୨୦ହଜାର ଟଙ୍କା ନେଇଯାଇଥିଲେ। ଘଟଣାକୁ ନେଇ ଆଶିଷ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ବିନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

**● ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ**

## ଅଶ୍ୱତ୍ଥ ବୃକ୍ଷ ସଂରକ୍ଷଣକୁ ନେଇ ସଚେତନତା




**ବ୍ରହ୍ମପୁର,୨୨।୫(ସମିସ):** ଅନ୍ତର୍ଜାତୀୟ ଜୈବ ବିବିଧତା ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଅଶ୍ୱତ୍ଥ ବୃକ୍ଷର ଆବଶ୍ୟକତା ଏବଂ ଏହାର ଗୁରୁତ୍ୱ ଉପରେ ସଚେତନତା କରାଯାଇଥିଲା। ପ୍ରତିବର୍ଷ ୨୨ମଇରେ "ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ " ପାଳନ ହେଉଅଛି। ଏଥିରେ ରାମନାଥ ରଜନୀ ଇନଷ୍ଟିଚ୍ୟୁଟ ଅଫ ସ୍କୋଲାର୍ସରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀ ସେମାନଙ୍କ ଗୃହର ଛାତ, ପାଚେରୀ ଏବଂ ବାହାର ନାଳରେ ଅନାବଶ୍ୟକ ସ୍ଥାନରେ ବଢିଥିବା ଅଶ୍ୱତ୍ଥ ଚାରା ଗୁଡିକୁ ସଂଗ୍ରହ କରି ବ୍ରହ୍ମପୁର ସବୁଜ ବାହିନୀ ପ୍ରଦାନ କରିଥିଲେ। ଯାହାକି ଆଗାମୀ ଦିନରେ ଏହି ଚାରା ଗୁଡିକ ଅନ୍ୟ ସ୍ଥାନରେ ସଙ୍ଗଠନ ଦ୍ୱାରା ରୋପଣ କରାଯିବ ବୋଲି ସବୁଜ ବାହିନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଉପସଭାପତି ଏମ ଦିଲ୍ଲୀପ କୁମାର,ସମ୍ପାଦକ ଏ ପ୍ରକାଶ,ପି ବିନୋଦ, କେ ସୁଶୀଲ କୁମାର, ସାଗର କୁମାର ପ୍ରସାଦ, ପ୍ରବୀଣ ନାୟକଙ୍କ ପ୍ରମୁଖ ସଦସ୍ୟ ସମେତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଏମ୍‌କେସିଜି ଏକାଡେମିକ୍ ସୋସାଇଟିର ୨ ଦିନିଆ ପ୍ରଦର୍ଶନୀ ଉଦ୍‌ଯାପିତ

**ବ୍ରହ୍ମପୁର,୨୨।୫(ସମିସ):** ଏମକେସିଜି ମେଡିକାଲ କଲେଜ ଏକାଡେମିକ ସୋସାଇଟି ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି। ଏକାଡେମିକ ବ୍ଲକଠାରେ ଏଲିଜିୟମ ଓ କନଫ୍ଲକସସ୍ ନାମରେ ଏହି ପ୍ରଦର୍ଶନୀ ଗତ ଦୁଇଦିନ ଧରି ଚାଲିଥିବା ବେଳେ ସହର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶତାଧିକ ବିଦ୍ୟାର୍ଥୀ ଏଥିରେ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଦର୍ଶନୀ କରାଯାଇଥିଲା। ସେହିପରି ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କାରୁକାର୍ଯ୍ୟ ଓ ଚତ୍ରକଳା ପ୍ରଦର୍ଶନୀ ହୋଇଥିଲା। ପ୍ରଦର୍ଶନୀ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା କଳା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ। ଉଦଯାପିତ ଉତ୍ସବରେ ଆନାଟୋମି ବିଭାଗ ମୁଖ୍ୟ ଡା. ଜେ ସାଗରଙ୍କ ସମେତ ଏକାଡେମିକ ସୋସାଇଟିର ସମ୍ପାଦକ ସିଏ ବଳଭଦ୍ର ପ୍ରହରାଜ ଓ ଯୁଗ୍ମ ସମ୍ପାଦିକା ନିତିଲ ମହାନ୍ତିଙ୍କ ସହ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

# ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ




**ବ୍ରହ୍ମପୁର,୨୨।୫(ସମିସ):** ଖରାଦିନ ୩ରୁ୪ମାସ ସାଧାରଣତଃ ସବୁ କ୍ଷେତ୍ରରେ ସମସ୍ୟା ଦେଖାଯାଇଥାଏ। ସେ ପିଇବା ପାଣି ହେଉ ଅଥବା ରକ୍ତ। ଏହି ସମୟରେ ଜଳକଷ୍ଟ ସାଙ୍ଗକୁ ରକ୍ତ ସଙ୍କଟ ମଧ୍ୟ ଦେଖାଯାଇଥାଏ। ଯେଉଁଥି ପାଇଁ ଅନେକଙ୍କ ଜୀବନ ମଧ୍ୟ ଯାଇଥାଏ। ରକ୍ତ

- **ପ୍ରତ୍ୟେକ ରକ୍ତଦାତାଙ୍କ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା**
- **ଜୀବନ ବଞ୍ଚାଇବା ପାଇଁ ଏବେ ସର୍ବୋତ୍କୃଷ୍ଟ ସମୟ**

ସଙ୍କଟ ଦୂର କରିବାକୁ ହେଲେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଆଗକୁ ଆସିବାକୁ ହେବ। ଏଥିରେ କଞ୍ଜୁସି କଲେ କିମ୍ବା ଅବହେଳା କଲେ ଅନ୍ୟର ଜୀବନ ଯିବା ଥୟ। ରକ୍ତଦାନ ଦ୍ୱାରା ନିଜର କିଛି କ୍ଷତି ହୋଇନଥାଏ ବରଂ ଅନ୍ୟର ଜୀବନ ବଞ୍ଚିଥାଏ। କାରଣ ଖରାଦିନରେ ସାଧାରଣତଃ ରକ୍ତଦାତାମାନେ ମଧ୍ୟ ରକ୍ତଦାନ କରିବାକୁ ପଛାଇଥାନ୍ତି। ଏଣୁ ଖରାଦିନରେ ରକ୍ତଦାନ ଶିବିର ଆୟୋଜନ କଷ୍ଟକର ହେଉଥିବା ଯୋଗୁଁ ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ବର୍ତ୍ତମାନ ପୁଣି ସମୟ ନିର୍ବାଚନର। ସମସ୍ତ ଯୁବପିଢି ଓ ସ୍ୱେଚ୍ଛାସେବୀ ବ୍ୟସ୍ତ ନିର୍ବାଚନରେ। ଏଣୁ ରକ୍ତ ଭଣ୍ଡାରରେ ରକ୍ତର ଘୋର ସଙ୍କଟ ଦେଖାଯିବା ସହ ସ୍ତ୍ରୀ ଓ ପ୍ରସୂତୀ, ରକ୍ତ ଶିଙ୍କୁଳି, ଏଡ୍ସ ଓ କର୍କଟ ଭଳି ରୋଗୀଙ୍କ ପାଇଁ ଦୈନିକ ଆବଶ୍ୟକ ହେଉଥିବା ରକ୍ତ ଯୋଗାଇବା ମଧ୍ୟ ସମ୍ଭବପର ହେଉନାହିଁ। ଏଣୁ ପ୍ରତ୍ୟେକ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଲୋକଙ୍କ ଜୀବନ ବଞ୍ଚାଇବା କ୍ଷେତ୍ରରେ ଆଗକୁ ଆସିବା ଜରୁରୀ ହୋଇପଡିଛି। ରକ୍ତର ସଙ୍କଟକୁ ଦୃଷ୍ଟିରେ ରଖି ତଥା ସମୟର ଆବଶ୍ୟକତାକୁ ଦେଖି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ କ୍ଲିନ ସିଟି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କ ଆବଶ୍ୟକତା ଓ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଂଗଠନର ସମସ୍ତ ସଦସ୍ୟଙ୍କୁ ଟିମ ପକ୍ଷରୁ ସଜାଗ ରହିବାକୁ କୁହାଯାଇଛି। ଏହି କ୍ରମରେ ବୁଧବାର ଟିମର ସକ୍ରିୟ ତଥା ପ୍ରତିଷ୍ଠାତା ସଦସ୍ୟ ରାଜେଶ କୁମାର ସାହୁ ଜଣେ କର୍କଟ ରୋଗ ସହ ସଂଘର୍ଷ କରୁଥିବା ସାହସୀ ଯୁବକଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଆଗକୁ ଏହି ଧାରା ଜାରି ରହିବ ବୋଲି କହିଛନ୍ତି ଟିମ କ୍ଲିନ ସିଟିର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ। ଟିମ ସଦସ୍ୟ ରାଜେଶ ଓ ଟିମ କ୍ଲିନ ସିଟି ଗ୍ରୁପର ଏଭଳି ମନୋବୃତି ଯୋଗୁଁ ମିଳନ ଗ୍ରୁପ ୧୯୮୬ ପକ୍ଷରୁ ସଭାନେତ୍ରୀ ରଶ୍ମିତା ପାଣିଗ୍ରାହୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ୍
# ୫ ସମ୍ପୃକ୍ତ, ୨ ଗିରଫ

**ପାରଳାଖେମୁଣ୍ଡି, ୨୨।୫(ସମିସ)**

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଶରଧାପୁର ଶ୍ମଶାନଘାଟ ନିକଟରେ ଘଟିଥିବା ହତ୍ୟାର ପାଞ୍ଚ ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ୫ ହତ୍ୟାକାରୀ ତଥା ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ଅତି ଶୀଘ୍ର ଗିରଫ କରାଯିବା ପାଇଁ ଉଦ୍ୟମ ଜାରି ରହିଥିବାର ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଉକ୍ତ ଘଟଣାର ପର୍ଦ୍ଦାଫାସ କରି ପାରଳାଖେମୁଣ୍ଡି ସ୍ଥିତ ଏସଡିପିଓ କାର୍ଯ୍ୟାଳୟରେ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଘଟଣା ଦିନ ଗତ ୧୮ ତାରିଖରେ ରାତି ସାଢ଼େ ୮ଟା ବେଳେ ୫ ଅଭିଯୁକ୍ତ ଶରଧାପୁର ଶ୍ମଶାନଘାଟ ନିକଟରେ ଭିନ୍ନଳା ଗ୍ରାମର ପ୍ରଶାନ୍ତ ଜେନା (୨୪)ଙ୍କୁ ଲୁହାଛଡ ଏବଂ ଶକ୍ତ କାଠ ବାଡିରେ ବାରମ୍ବାର ଆଘାତ କରିଥିଲେ। ଏନେଇ ଘଟଣାସ୍ଥଳରେ ଉପସ୍ଥିତ ଥିବା ମୃତ ପ୍ରଶାନ୍ତଙ୍କ ଅନ୍ୟ ଦୁଇ ଜଣ ସାଙ୍ଗ କାଳିଆ ଓରଫ ଲବ ଜେନା ଏବଂ ସୁରେଶ ବାରିକଙ୍କୁ ମଧ୍ୟ ଅଭିଯୁକ୍ତ ମାରିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ପ୍ରାଣବିକଳରେ ଘଟଣାସ୍ଥଳରୁ ଚାଲିଯାଇ ମୃତ ପ୍ରଶାନ୍ତଙ୍କ ପରିବାର ଏବଂ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ପହଞ୍ଚି ଗୁରୁତର ପ୍ରଶାନ୍ତଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଥିଲେ ମଧ୍ୟ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମରେ ଥିବା ଘରୋଇ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେବା ବେଳେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ପୁଲିସ ତନାଘନା ଆରମ୍ଭ କରି ଘଟଣାସ୍ଥଳରୁ ୩ ବାଇକ, ଗୋଟିଏ ରକ୍ତ ଛିଟା ଲାଗିଥିବା ବାଡି, ଗୋଟିଏ ଲୁହାପାଇପକୁ ଜବତ କରିବା ସହ ଚମ୍ପଟ ମାରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୋଜୁଥିଲା। ପାଞ୍ଚ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଅଭିଯୁକ୍ତ ସୀମାଞ୍ଚଳ ପ୍ରଧାନ (୪୦) ଏବଂ ସନ୍ତୋଷ ସ୍ୱାଇଁ (୩୨) ଧରାପଡ଼ିଥିବା ବେଳେ ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ତିନି ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି କୁହାଯାଇଛି। ଅପରପକ୍ଷରେ ସମସ୍ତ ଅଭିଯୁକ୍ତ ଏବଂ ମୃତ ଯୁବକଙ୍କ ମଧ୍ୟରେ ଖୁବ୍ ଭଲ ସମ୍ପର୍କ ରହିଥିଲା। ତେବେ ସୀମାଞ୍ଚଳ ପ୍ରଧାନଙ୍କ ପତ୍ନୀ ପାର୍ବତୀ ପ୍ରଧାନଙ୍କ ସହ ମୃତ ପ୍ରଶାନ୍ତଙ୍କ ଅବୈଧ ସମ୍ପର୍କ ଥିବା ଗୁଜବକୁ ନେଇ ସେମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ଇତି ମଧ୍ୟରେ ଗତ ଫେବୃଆରୀ ୨୭ ତାରିଖରେ ପାର୍ବତୀ ପ୍ରଧାନ ବିଷ ପାନ କରି ଆତ୍ମହତ୍ୟା କରିଥିଲେ। ଅଭିଯୁକ୍ତ ପ୍ରଶାନ୍ତ ହିଁ ପାର୍ବତୀଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ଧରିନେଇଥିଲେ। ସେବେ ଠାରୁ ପ୍ରଶାନ୍ତ ନିଜ ଗ୍ରାମ ଭିନ୍ନଳା ଛାଡିଦେଇଥିଲେ। ଅନ୍ୟତ୍ର ରହି ଆସୁଥିଲେ। ହେଲେ ଚଳିତ ମାସ ୧୮ ତାରିଖରେ ନିଜ ଗ୍ରାମକୁ ଆସିଥିଲେ। ସନ୍ଧ୍ୟା ସମୟରେ ପ୍ରଶାନ୍ତ ଶରଧାପୁର ଗ୍ରାମ ନିକଟସ୍ଥ ମହେନ୍ଦ୍ରତନୟା ବ୍ରିଜ୍ ନିକଟକୁ କାଳିଆ ଏବଂ ସୁରେଶଙ୍କୁ କୌଣସି କାମରେ ଡକାଇ ସେଠାରେ ରହିଥିଲେ। ସେମାନଙ୍କୁ ଅଭିଯୁକ୍ତ ସୀମାଞ୍ଚଳ ଦେଖି ଦେଇଥିବା ବେଳେ ନିଶ୍ଚିତ ପ୍ରଶାନ୍ତ ଏହି ଅଞ୍ଚଳରେ ରହିଛି ବୋଲି ଅନୁମାନ କରିଥିଲେ। ପରେ ଅନ୍ୟ ଅଭିଯୁକ୍ତଙ୍କୁ ସଂଘବଦ୍ଧ ଆକ୍ରମଣ ପାଇଁ ଡକାଇଥିଲେ। ମୃତ ପ୍ରଶାନ୍ତ, କାଳିଆ ଏବଂ ସୁରେଶ ଶରଧାପୁର ଶ୍ମଶାନଘାଟ ନିକଟରେ କଥା ହେଉଥିବା ଦେଖି ପ୍ରସ୍ତୁତ ହୋଇ ଆସିଥିବା ଅଭିଯୁକ୍ତ ଅତର୍କିତ ଆକ୍ରମଣ କରିଦେଇଥିଲେ। ଦୁଇ ଜଣ ସାଙ୍ଗ ପ୍ରାଣବିକଳରେ ଦୌଡି ପଳାଇବାକୁ ସକ୍ଷମ ହୋଇଥିଲେ ହେଁ ପ୍ରଶାନ୍ତ ବର୍ତ୍ତିପାରି ନ ଥିଲେ ବୋଲି କୁହାଯାଇଛି। ତେବେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଅନ୍ୟ ପୁଲିସ କର୍ମଚାରୀଉପସ୍ଥିତ ଥିଲେ।



# ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ପାରଳାଖେମୁଣ୍ଡି, ୨୨।୫(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆସନ୍ତା ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼. ଗୁଣନିଧି ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଡିଏସପି ଡ଼.ଚନ୍ଦ୍ରଶେଖର ହୋତା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ। ବୈଠକରେ ପ୍ରଥମେ ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରିଥିଲେ। ଗତ ଥର ସମସ୍ତଙ୍କ ସହଯୋଗରେ ରଥଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା ବୋଲି ସେ କହିଥିଲେ। ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା। ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଶୃଙ୍ଖଳା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେହିପରି ବିଦ୍ୟୁତ ବ୍ୟବସ୍ଥା, ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହା ସହ ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୁଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମତାମତ ଦେବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।



## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଚକାପାଦ, ୨୨।୫(ସମିସ):** କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନପଡ଼ା ଖଜୁରୀପଡ଼ା ରାସ୍ତାରେ ଥିବା ପୁରୁଣାପାଣି ଶଙ୍ଖରେ ଥିବା ବୁଲାଣି ରେ ରାତ୍ର ପ୍ରାୟ ସାଢ଼େ ଦଶଟା ସମୟରେ ଭାରସାମ୍ୟ ହରେଇ ଦୁଇ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥଲେ। ଏଥିରେ ଆରୋହୀ ବନ୍ଧସାହିର ଶ୍ରୀକାନ୍ତ ନାଏକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖଜୁରୀପଡ଼ା ଏବଂ ପରେ ଫୁଲବାଣୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ପରିଚୟ ଜଣାପଡ଼ିନାହିଁ। ଶ୍ରୀକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଫୁଲବାଣୀ, ୨୨।୫(ସମିସ):** ସ୍ଥାନୀୟ ଚିଦାନନ୍ଦ ନଗର ସ୍ଥିତ ଶିଶିର କାନ୍ତ ତ୍ରିପାଠୀଙ୍କ ସ୍ତ୍ରୀ ମମତା ତ୍ରିପାଠୀ(୬୩)ଙ୍କ ଅକାଳ ବିୟୋଗ ପରଲେକ ହୋଇଛି। ତାଙ୍କର



ବିୟୋଗରେ ଶୋକରଛାୟା ଖେଳିଯାଇଛି। କିଛିଦିନ ହେଲା ସେ ସାମାନ୍ୟ ଅସୁସ୍ଥ ହୋଇଥିଲେ। ଆଜି ଅଚାନକ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିବା ବେଳେ ତୁରନ୍ତ ମୁଖ୍ୟ ଚିକିଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଜଣେ ଧର୍ମ ପରାୟଣ ମହଳି ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ଦାବି

**ଜି.ଉଦୟଗିରି, ୨୨।୫(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବରାଳିନୀ ମାର୍କେଟ ଦେଇ ଯାଇଥିବା ରାଜ୍ୟ ରାଜପଥ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ବାଲିଗୁଡା, ଫୁଲବାଣୀ, ବ୍ରହ୍ମପୁର, ପାବୁରିଆ ଆଦି ସ୍ଥାନକୁ ଯାନବାହାନ ଯାତାୟତ କରୁଥିବା ବେଳେ ବ୍ୟସ୍ତବହୁଳ ଜନଗହଳି ପୂର୍ଣ୍ଣ ରାସ୍ତା ହୋଇଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଶୋଚନୀୟ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଠିକ୍ ସମୟରେ ମରାମତି ନ ହେବା ଫଳରେ ଏବେ ଏହା ଛୋଟ ଖାଲଖମାରୁ ବଡ ଖାଲଖମାରେ ପରିଣତ ହେଲାଣି। ଯାନବାହାନ ଯିବା ଆସିବାରେ ସମସ୍ୟା ହେଉଥିବା ବେଳେ ସେଇ ପାଖ ଦେଇ ପାଦରେ ଚାଲିଯିବାସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲଖମାରେ ପାଣି ଜମି ରହିବା ଫଳରେ ଏହା ଉପର ଦେଇ ଗାଡି ଯିବା ଆସିବା କରିବା ସମୟରେ ସାଧାରଣ ଲୋକଙ୍କ ଉପରେ କାଦୁଅ ପାଣି ପଡୁଛି। ଏହି ଭଳି ବ୍ୟସ୍ତ ବହୁଳ ରାସ୍ତା ଦୀର୍ଘ ଦିନ ହେଲା ମରାମତି ହେଉ ନ ଥିବାରୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତୁରନ୍ତ ରାଜ୍ୟ ରାଜପଥ ମରାମତି କରିବାକୁ ଦାବି ହେଉଛି।



## ଦୁଇବର୍ଷ ହେଲା ଭାଙ୍ଗିଛି ପୋଲ
# ପାଞ୍ଚଖଣ୍ଡ ଗାଁ ଲୋକେ ହନ୍ତସନ୍ତ

**ଫିରିଙ୍ଗିଆ, ୨୨।୫(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ଗମନାଗମନ ର ସୁବିଧା ପାଇଁ ରାଜକୋଷରୁ ବିଭିନ୍ନ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ସହ ରାସ୍ତା ଉପରେ ପୋଲ ନିର୍ମାଣ କରୁଛନ୍ତି। କିନ୍ତୁ ବିଭାଗୀୟ ଅବହେଳା ଓ ଉଦାସୀନତା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଭାଙ୍ଗିଯାଇଥିବା ପୋଲର ମରାମତି ବର୍ଷବର୍ଷ ଧରି ହୋଇପାରୁନି। ଏଥିଯୋଗୁଁ ଏହି ରାସ୍ତା ଓ ପୋଲ ଉପରେ ନିର୍ଭର କରି ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଭଙ୍ଗା ପୋଲ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁସୁଲି ପଙ୍ଗା ପଞ୍ଚାୟତ ବାରେଗାବା ଗାଁ ନିକଟରେ। ସୂଚନା ଅନୁସାରେ ମୁସୁଲିପଙ୍ଗା ପଞ୍ଚାୟତର ନେଡିପଦର ଗାଁ ଠାରୁ ବାରେଗାବା ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏହି ପୋଲ ରହିଥିବା ବେଳେ ଦୁଇବର୍ଷ ରୁ ଅଧିକ ହେବ ଭାଙ୍ଗିରୁଜି ପଡ଼ିରହିଛି। ବାଧ ହୋଇ ଲୋକେ ପୋଲ ତଳେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରି ଯିବାଆସିବା କରୁଛନ୍ତି। ଅନ୍ୟପଟେ ଏହି ରାସ୍ତାଟି ନେଡିପପଦର ଠାରୁ କ୍ରାଣ୍ତିବାଲି ଓ ବାଲନ୍ଦାପଡ଼ା ଯିବା ପାଇଁ ଏକ ବାଇପାସ ରାସ୍ତା ହୋଇଥିବାରୁ ଅଞ୍ଚଳର ବାରେଗାବା, ସାଇତିଙ୍ଗିଆ, ଲଦାବଡଦୁଲି ଭଳି ପାଞ୍ଚ ରୁ ଛଅ ଖଣ୍ଡ ଗାଁର ଲୋକେ ନିର୍ଭର କରୁଛନ୍ତି। ପଞ୍ଚାୟତ ମୁଖ୍ୟାଳୟ ମୁସୁଲିପଙ୍ଗା ହେଉ କିମ୍ବା ବ୍ଲକ ମୁଖ୍ୟାଳୟ ଫିରିଙ୍ଗିଆ ଯିବାକୁ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ବିଶେଷ କରି ଏହି ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ କଲେଜ ଯିବା ଆସିବାକୁ ଏକମାତ୍ର ରାସ୍ତା ହୋଇଥିବାରୁ ସେମାନଙ୍କୁ ଯିବାଆସିବା ପାଇଁ କଷ୍ଟକର ହେଉଛି। ଆମ୍ବୁଲାନ୍ସ ଆସିପାରୁନଥିବାରୁ ଲୋକେ ରୋଗୀଙ୍କୁ ଖଟିଆ କିମ୍ବା ଦୋଳାରେ ବୋହି ନେବାକୁ ବାଧ ହେଉଛନ୍ତି। ଅନ୍ୟପଟେ ଏହି ରାସ୍ତାରେ ପଞ୍ଚାୟତ ମୁଖ୍ୟାଳୟ କୁ ଆସିବାକୁ ହେଲେ ଏକ କିଲୋମିଟର ହେଉଥିବା ବେଳେ ପୋଲ ଭାଙ୍ଗିଯାଇଥିବାରୁ ପାଞ୍ଚ କିଲୋମିଟର ବୁଲି ଯିବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟଜେ ପୋଲଟି ଦୀର୍ଘ ଦଶରୁ ବାରବର୍ଷ ତଳେ ଫୁଲବାଣୀ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ନଷ୍ଟ ହୋଇଯାଇଛି। ଦୁଇବର୍ଷ ଧରି ପୋଲର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ପୋଲ ମରାମତି ହୋଇ ପାରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ପୋଲର ମରାମତି କରା ନ ଗଲେ ଅଞ୍ଚଳବାସୀ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବାରେଗାବା ଗାଁର ସନୁଜ ନାଏକ, ବିଜୟ ବଗାର, କିଶୋର ବଗାର, ସୂତ୍ରଧର ବଗାର, ଭାସ୍କର ବଗାର, ବିନୋଦ ବଗାର ଓ ଅନ୍ୟମାନେ କହିଛନ୍ତି। ଏସମ୍ପର୍କରେ ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଙ୍କୁ ଯୋଗାଯୋଗ କରିବାରୁ ପୋଲ ବଡ଼ ହୋଇଥିଲେ ଆମ ଦ୍ୱାରା ହୋଇପାରିବ ନାହିଁ। ଛୋଟ ପୋଲ ହୋଇଥିଲେ ମରାମତି ହୋଇପାରିବ। ଘଟଣା ସ୍ଥଳକୁ ଯାଇ ଦେଖିଲା ପରେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



## ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ



**ଚକାପାଦ, ୨୨।୫(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗ୍ରାମରେ ବୁଧବାର ନାମ ଯଜ୍ଞ ଆରମ୍ଭ ହୋଇଛି। ଗତକାଲି ଏହି ଯଜ୍ଞ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥି ନିମନ୍ତେ ବହୁ ସଂଖ୍ୟାରେ ମହିଳା କଳସ ଏବଂ ପଇଡ଼ ଧରି ଗ୍ରାମ ଠାରୁ ତିନି କିଲୋମିଟର ଦୂରରେ ଥିବା ବାବା ବରଡ଼ା ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଥିବା ଜଳାଶୟରୁ ପାଣି ଉଠାଇଥିଲେ।ଏହି ନାମଯଜ୍ଞରେ ୯ଟି ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ଗୁରୁବାର ସକାଳେ ନଅ ଏହାର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି ବୋଲି ଯଜ୍ଞର କର୍ତ୍ତା ସୂର୍ଯ୍ୟ ମେହେର ପ୍ରକାଶ କରିଛନ୍ତି।

## ବୁଦ୍ଧ ପୂର୍ଣ୍ଣିମା, ଜିରାଙ୍ଗ ମନ୍ଦିରରେ ସ୍ୱତନ୍ତ୍ର ପୂଜା



**ମୋହନା, ୨୨।୫(ସମିସ):** ବୁଦ୍ଧ ପୂର୍ଣ୍ଣିମା ପାଇଁ ଗଜପତି ଜିଲ୍ଲା ଜିରାଙ୍ଗ ବୌଦ୍ଧ ମନ୍ଦିରରେ ଚାଲିଛି ସ୍ୱତନ୍ତ୍ର ପୂଜା। ୮ ଦିନ ଧରି ଏହି ପୂଜା ଚାଲିଥିବା ବେଳେ ଗୁରୁବାର ଶେଷ ହେବ। ପ୍ରତିବର୍ଷ ବୁଦ୍ଧ ପୂର୍ଣ୍ଣିମାରେ ଏହି ପୂଜା ହେଉଥିବା ବେଳେ ଏଥିରେ ତିବତୀୟ ସନ୍ନ୍ୟାସୀ ଓ ଲୋକେ ଯୋଗଦେଇ ବୁଦ୍ଧଙ୍କ ପୂଜା କରୁଛନ୍ତି। ବୁଦ୍ଧ ପୂର୍ଣ୍ଣିମା ଦିନ ଭଗବାନ ବୁଦ୍ଧ ଜନ୍ମ ହୋଇଥିବା ବେଳେ ବୁଦ୍ଧଙ୍କୁ ସ୍ମରଣ ସହ ସମାଜରେ ଶାନ୍ତି ପାଇଁ ପ୍ରାର୍ଥନା କରାଯାଉଛି। ପାରମ୍ପରିକ ରୀତିରେ ତିବତୀୟ ଏହି ପୂଜା କରୁଛନ୍ତି। ବୁଦ୍ଧ ପୂର୍ଣ୍ଣିମା ଦିନ ତିବତୀୟ ସମ୍ପୂର୍ଣ ଉପବାସ ସହ ମୌନ ରହି ପୂଜା କରୁଥିବା ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଟୁକୁ କୁଞ୍ଚପ କହିଛନ୍ତି।

**• ତୃତୀୟ ଦିନରେ ଓଡ଼ିଆ ସାହି ଠାକୁରାଣୀ ଯାତ୍ରା**

## ବିରାଟ ପଟୁଆରରେ ମା' କମଳା ଦେବୀଙ୍କ ସାହି ପରିକ୍ରମା

**ରାୟଗଡ଼, ୨୨।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଓଡ଼ିଆ ସାହି ଠାକୁରାଣୀ ଯାତ୍ରା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଦୀର୍ଘ ୭ବର୍ଷର ବ୍ୟବଧାନ ପରେ ଉକ୍ତ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ରାୟଗଡ଼ ଚଳଚଞ୍ଚଳ ହୋଇ ଉଠିଛି। ସନ୍ଧ୍ୟା ଆଳତି ପରେ ମା ବିରାଟ ପଟୁଆରରେ ବାହାରି ମଝିସାହି, କୁମ୍ଭାର ସାହି, ବଜାରଛକ, ଥାନାଛକ, ଗୌଡ଼ସାହି, ବଢେଇ ସାହି, ବିଶୋୟୀ ସାହି, ହେଣ୍ଡିଆ ସାହି ପରିକ୍ରମା କରିଛନ୍ତି। ପରିକ୍ରମା ବେଳେ ବାଜା ବାଜଣା ଓ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ସାହି ବାସିନ୍ଦା ନିଜ ନିଜର ଘର ଆଗରେ ପୂଜା ସମାଗ୍ରୀ ଏବଂ ପୂର୍ଣ୍ଣକୁମ୍ଭ ବାଡ଼ି ପ୍ରଦୀପ ପ୍ରଜ୍ୱଳନ ସହକାରେ ବେଜୁ ଓ ଘଟଧାରିଣୀଙ୍କ ପାଦ ହଳଦୀ ପାଣିରେ ଧୋଇ ସ୍ୱାଗତ କରୁଛନ୍ତି। ମାଙ୍କ ସ୍ଥାନୀୟ ମଣ୍ଡପ ଓ ସ୍ୱର୍ଗତ ବଲ୍ଲଭ ପାଇକଙ୍କ ଘରୁ ଭୈରବୀ ବେଶରେ ବାହାରି ଖଣ୍ଡାଚାଳନା ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା



## ମା' ନାରାୟଣୀ ଠାକୁରାଣୀ ଯାତ୍ରାର ତ୍ରୟୋଦଶ ଦିବସ
# ଭକ୍ତଙ୍କ ଭିଡ଼ ଧୀରେ ଧୀରେ ବଢୁଛି





**ଫୁଲବାଣୀ, ୨୨।୫(ସମିସ)**

ଶ୍ରୀ ଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ବୁଧବାର ତ୍ରୟୋଦଶ ଦିବସ। ଏହି ଅବସରରେ ମା ନାରାୟଣୀ ଠାକୁରାଣୀଙ୍କ ସହ ମା ବରାଳ ଦେବୀ, ମା ବ୍ୟାଘ୍ର ଦେବୀ, ମା ବ୍ରାହ୍ମଣୀ ଦେବୀ, ମା ଗ୍ରାମ ଦେବତୀ ଏବଂ ସର୍ବାଗ୍ରେ ମା କାଳୀ ନଗର ଭ୍ରମଣରେ ବାହାରିଛନ୍ତି। ବିଭିନ୍ନ ଜାଗାରେ ବାଟ ପୂଜା ହୋଇ ଭକ୍ତଙ୍କ ଭିଡ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଆଜି ଗମ୍ଭୀରାରୁ ମା ବାହାରି ଶ୍ରୀରାମ ନଗର ରାସ୍ତା ଦେଇ କାଚରା ସାହିରେ ପୂଜା ସାରି, ହାଟପଦା ସ୍କୁଲ ଛକକୁ ବାହାରି ନୃସିଂହ ମନ୍ଦିର ଭୋଗ ଆଳତି ସାରି ନାରାୟଣୀ ରୋଡ୍, କାର୍ମେଲ ସ୍କୁଲ ପର୍ଯ୍ୟନ୍ତ ପୂଜା ପାଇ ସେଠାରୁ ଆସି ନୂଆ ସାହି, ପ୍ରକୃତି ବିହାର ପୂଜା ସାରି ଲକ୍ଷ୍ମୀ ମାର୍କେଟ୍ ରାସ୍ତା ଦେଇ ଗମ୍ଭୀରାକୁ ବିଜେ କରିଥିଲେ। ମଙ୍ଗଳବାର ମା ଗମ୍ଭିରାରୁ ବାହରି ମୁଖ୍ୟ ରାସ୍ତା ଦେଇ ପୋଷ୍ଟାଲ କଲୋନି ଦେଇ କବର ଖାନା ସାହି, ଶ୍ରୀ ସାଇ ନଗର, ଚିଦାନନ୍ଦ ନଗର ଏବଂ ଶାସ୍ତ୍ରୀ ନଗର ଦେଇ ଯାତ୍ରା ପଡ଼ିଆ ଗମ୍ଭିରାକୁ ଫେରିଥିଲେ। ସନ୍ଧ୍ୟାରେ ମଣ୍ଡପରେ କନିଷ୍ଠ ବର୍ଗର ପିଲାମାନଙ୍କ ପାଇଁ ଡେନସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଭାବେ କଳାକାର ଅନନ୍ତ ଚରଣ ପରିଡ଼ାଙ୍କ ଯୋଗ ଦେଇ ପୁରସ୍କୃତ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୩ ରୁ ୧୮ ବର୍ଷ ଛୁଆଙ୍କ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ସୁଧାଂଶୁ ସେନାପତି, ସମ୍ପାଦକ ଦୂର୍ଗା ପ୍ରସାଦ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଭି. ଲୋକନାଥ ରାଜୁ, କାବଲା ସେନାପତି, ଜଗନ୍ନାଥ ରାଜୁ, ସନିଆ ମହାନ୍ତି, ବିଣାପାଣି ପ୍ରଧାନ, ଉପସଭାପତି ସୁଜିତ୍ ବେହେରା, ଅଜିତ୍ ମହାରଣା, ଅନନ୍ତ ଚରଣ ପରିଡ଼ା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଶୋକ ମହାନ୍ତି ପରିଚାଳନା କରିଥିଲେ। ସେହିପରି ମାଙ୍କ ନଗର ଭ୍ରମଣରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ହରିଶ୍ଚନ୍ଦ୍ର ମହାରଣା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମହେନ୍ଦ୍ର ସୁବୁଦ୍ଧି, ପୂଜକ ସନ୍ତୋଷ ଦାସ, ପିତାମ୍ବର ପଣ୍ଡା, ନୀଳକଣ୍ଠ ମିଶ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା, ଶ୍ରୀକାନ୍ତ ପଣ୍ଡା ଓ ପ୍ରକାଶ ପାଢ଼ୀସହଯୋଗ କରିଥିଲେ। ସେହିପରି ମାଙ୍କ ଚତୁଃପାର୍ଶ୍ୱରେ କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ହ୍ୟୁମାନିଟ୍ ସଦସ୍ୟ ସଦସ୍ୟା ମାନେ ହାତକୁ ହାତ ଧରା ଧରି ହୋଇ ସୁରକ୍ଷା ଦେଇଥିଲେ।



## ନୃସିଂହ ମନ୍ଦିରରେ ଭକ୍ତଙ୍କ ଭିଡ଼

**ଶେରଗଡ଼,୨୨।୫(ସମିସ):** ବୁଧବାର ନୃସିଂହ ଜୟନ୍ତୀ ଅବସରରେ ଶେରଗଡ ସହର, ଶେରଗଡ, ବରମୁଣ୍ଡଳି ସମେତ ସମସ୍ତ ନୃସିଂହ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ରିତିନୀତି ଅନୁଯାୟୀ ଚନ୍ଦନ ଲାଗି ପରେ ବାଲଭୋଗ, ଆଳତୀ କରାଯାଇଥିଲା। ଭକ୍ତ ପ୍ରହଲ୍ଲାଦଙ୍କ ସୁରକ୍ଷା ଓ ଶତୃକୁ ଦମନ କରିବା ପ୍ରଭୁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇଥିଲେ। ଯାହାକୁ ନେଇ ଆଜି ଭକ୍ତଙ୍କ ପକ୍ଷରୁ ପାଳନ କରାଯାଉଛି।

● ଓଲଟିଲା କାର୍

## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍



**ଛତ୍ରପୁର,୨୨।୫(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ପୋକିଡିବନ୍ଧ ଛକରେ ବୁଧବାର ସକାଳେ ଏକ କାର୍ ଓଲଟି ପଡ଼ିଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। ସୂଚନା ମୁତାବକ, ଖଲ୍ଲିକୋଟରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇ ଓଲଟି ପଡିଥିଲା। ତେବେ ଏଥିରେ ଥିବା ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ହାଇୱେ ପାଟ୍ରୋଲିଂ ପୁଲିସ ପହଞ୍ଚି ଗାଡିକୁ ଉଦ୍ଧାର କରିଥିଲା।

## କୃଷ୍ଣଛାଇ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି



**ଶେରଗଡ଼,୨୨।୫(ସମିସ):** ଶେରଗଡ ବ୍ଲକ କୃଷ୍ଣଛାଇ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ପଞ୍ଚାୟତ ଗେଟ ଭାଙ୍ଗି ଭିତରେ ପଶି ପ୍ରଥମେ ସିସିଟିଭି କ୍ୟାମେରାକୁ ବାଡେଇ ଭାଙ୍ଗିବା ସହ କମ୍ପ୍ୟୁଟର ସିଷ୍ଟମ ଏବଂ ଏଲଇଡି ଟିଭିକୁ ଭାଙ୍ଗି ଥିଲେ। ପରେ ସମସ୍ତ କାଗଜପତ୍ରକୁ ଏଣେତେଣେ ଫୋପାଡ଼ି ଦେଇଥିଲେ। ପଞ୍ଚାୟତ ପିଅନ ଏହା ଦେଖିବା ପରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ପରେ ସରପଞ୍ଚ ପ୍ରତିନିଧି ଶିବାଜୀ ବିଷୋୟୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ସାବତ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଥାଉକି, ଗତବର୍ଷ ଅଗଷ୍ଟ ୯ ତାରିଖ ଦିନ ଏହିଭଳି ପଞ୍ଚାୟତ ଚାବି ଭାଙ୍ଗି ନଥିପତ୍ର ଫିଙ୍ଗିବା ସହ ଏଲଇଡି ନେଇଯାଇଥିଲେ। ଆଜି ସୁଦ୍ଧା ଏହି ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ପୁଲିସ କାବୁ କରିବାରେ ବିଫଳ ହୋଇଥିବାବେଳେ ପୁଣି ଥରେ ସେହି ପଞ୍ଚାୟତରୁ ସମାନ ଢଙ୍ଗରେ ଚୋରି ହୋଇଛି। ଏନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ତୁରନ୍ତ ଚୋରକୁ ଧରି ଦଣ୍ଡ ଦେବା ଲାଗି ଦାବି ହେଉଛି।

● ସମ୍ଭାବ୍ୟ ଲଘୁଚାପ ନେଇ ସଚେତନତା

## ୨ ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ



**ଛତ୍ରପୁର,୨୨।୫(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ, ଏହାକୁ ଦୃଷ୍ଟିରେ ରଖି ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ସମୁଦ୍ର ଅଶାନ୍ତ ରହିବ। ତେଣୁ ବିପଦ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ୨୩ ଓ ୨୪ ଏହି ଦୁଇ ଦିନ ନ ଯିବା ପାଇଁ ସଚେତନ କରାଯାଇଛି। ସମୁଦ୍ର ଅଶାନ୍ତ ରହିବା ଫଳରେ ଉଚ୍ଚ ଜୁଆର ସମେତ ପବନ ବହିବାର ଆଶଙ୍କା ରହିଛି। ଫଳରେ ସମୁଦ୍ର ଭିତରକୁ ଡଙ୍ଗା ନେବା ପାଇଁ ବାରଣ କରିଛି। ଏନେଇ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ର ନିକଟରେ ବସବାସ କରୁଥିବା ଗ୍ରାମାଞ୍ଚଳକୁ ଯାଇ ମାଇକ୍ ଯୋଗେ ପ୍ରଚାର କରାଯିବା ସହ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରାଯାଇଛି। ଅନ୍ୟପକ୍ଷରେ ସମୁଦ୍ରକୁ ଦୈନିକ ମାଛ ଧରିଲେ ପରିବାର ପ୍ରତିପୋଷଣ କରିଥାନ୍ତି ମତ୍ସ୍ୟଜୀବୀ। ତେଣୁ ଦୁଇ ଦିନ ମାଛଧରିବା ବାରଣ କରାଯାଇଥିବାରୁ ସେମାନଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପଡ଼ିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।

# ପାନୀୟ ଜଳ ସମସ୍ୟା ନେଇ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ

**କୁକୁଡ଼ାଖଣ୍ଡି,୨୨।୫(ସମିସ)**



ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ବାଦ ପଡ଼ିଲାନି ସେନା ଗାଡ଼ି

ରତ୍ନପୁରରେ ୫୯ ନମ୍ବର ଜାତୀୟ ରାଜପଥ ୪ ଘଣ୍ଟା ଅବରୋଧ

ବ୍ରହ୍ମପୁର ଉପକଣ୍ଠ କୁକୁଡ଼ାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ରତ୍ନପୁର ଗ୍ରାମରେ ଦେଖା ଦେଇଛି ଜନଅସନ୍ତୋଷ। ପାଣି ବୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ପାଣି ପାଇଁ ପ୍ରତିମାସରେ ଟଙ୍କା ପୈଠ କରୁଥିଲେ ମଧ୍ୟ ଗ୍ରାମକୁ ପାଣି ଅସୁନଥିବା ଅଭିଯୋଗରେ ରାସ୍ତାକୁ ଓହ୍ଲାଇଛନ୍ତି ଲୋକେ। ଗ୍ରାମକୁ ଦୀର୍ଘ ୮ ଦିନ ଧରି ପାଣି ନଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ବୁଧବାର ଉଗ୍ରରୂପ ଧାରଣ କରିଛି। ସକାଳୁ ସକାଳୁ ଶହଶହ ଗ୍ରାମବାସୀ ଗରା ମାଠିଆ ଧରି ବ୍ରହ୍ମପୁର-ଆସିକା ୫୯ ନମ୍ବର ଜାତୀୟ ରାଜପଥକୁ କରିଥିଲେ ଅବରୋଧ।

ସୂଚନା ଅନୁସାରେ ପ୍ରାୟ ୮/୧୦ ଦିନ ଧରି ରତ୍ନପୁର ଗ୍ରାମକୁ ପାଇପ୍ ପାଣି ଆସୁନାହିଁ। ଫଳରେ ଲୋକେ ନାହିଁନାଥବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପାଣି ପାଇଁ ୨ କିଲୋମିଟର ଦୂରରେ ଅବସ୍ଥିତ ପୋଖରୀ ଉପରେ ନିର୍ଭର କରିବାକୁ ପଡ଼ିଛି। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ ନକରିବାରୁ ବୁଧବାର ଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ସାମରିକ ବାହିନୀ ଗାଡ଼ିକୁ ମଧ୍ୟ ଛଡାନଯିବାରୁ କିଛି ସମୟ ଉତ୍ତେଜନା ଦେଖା ଦେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଗାଡ଼ିଗାଡ଼ିକୁ ଛାଡ଼ିଦେଇଥିଲେ ହେଁ ଅନ୍ୟ କୌଣସି ଗାଡ଼ି ଛାଡ଼ିନଥିଲେ ଗ୍ରାମବାସୀ। ଏହି ଅଞ୍ଚଳକୁ ପାଣି ଯୋଗାଉଥିବା ବୋରୱେଲ ଦୀର୍ଘ ୧୦ଦିନ ହେଲା ଖରାପ ହୋଇ ଯାଇଥିବାରୁ ରତ୍ନପୁର ଗ୍ରାମକୁ ପାଣି ଆସୁନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ଅଭିଯୋଗ କଲେ ମଧ୍ୟ ଏହାକୁ ମରାମତି କରିନଥିଲେ। ଖବର ପାଇ ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କୁ ଆନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣି ନଥିଲେ। ଶେଷରେ ୩ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏବଂ ସମସ୍ୟାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କ ପ୍ରତ୍ୟହ ୬ଟି ଟ୍ୟାଙ୍କରରେ ପାଣି ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀମାନେ କହିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଏହାକୁ ଦୃଷ୍ଟିରେ ରଖି କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ, ବିଡିଓ ପଲ୍ଲବୀ ସ୍ୱାଇଁ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ମନସ୍ୱିନୀ ମହାପାତ୍ର, ସଦରଥାନା ଆଇଆଇସି ରାମଶୁଭ୍ରମନ୍ୟମ ପ୍ରଧାନ ଉପସ୍ଥିତ ରହି ଲୋକଙ୍କୁ ବୁଝାଇଥିଲେ। ଶେଷରେ ଦୀର୍ଘ ୪ଘଣ୍ଟା ପରେ ରାସ୍ତା ଅବରୋଧରୁ ଗ୍ରାମବାସୀ ଓହରିଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କିଛି ସମୟ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳରେ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯାଇଥିଲା।

ବନ୍ଦ ହେଉନି ମୃତକଙ୍କ ବ୍ୟାଙ୍କ ଆକାଉଣ୍ଟ

## ଅପାରଗ କର୍ମଚାରୀଙ୍କ ଲାଗି କ୍ଷତି ସହୁଛି ପରିବାର



**ଭଞ୍ଜନଗର,୨୨।୫(ସମିସ):** ଦିନକୁ ଦିନ ବ୍ୟାଙ୍କରେ ଆର୍ଥିକ କାରବାର ବଢ଼ି ଚାଲିଛି। ବର୍ତ୍ତମାନ ସମୟରେ ଚୋରି ଓ ଠକେଇ ରୋକିବା ପାଇଁ ସମସ୍ତଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଜନ ଧନ ଯୋଜନାରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାର ସୁଯୋଗ ଦେଇଛନ୍ତି। ଯାହା ଫଳରେ ସମସ୍ତ ଆର୍ଥିକ କାରବାର ବ୍ୟାଙ୍କ ଦ୍ୱାରା କରାଯାଉଛି। ହେଲେ କିଛି ଅପାରଗ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ବହୁ ଗ୍ରାହକ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଭଞ୍ଜନଗର ଲଣ୍ଡେଇ ସାହିର ରେବତୀ ପଟ୍ଟନାୟକ ସ୍ଥାନୀୟ ମେଡ଼ିକାଲ ନିକଟରେ ଥିବା ବ୍ୟାଙ୍କ ଅଫ ବରୋଦା ଶାଖାରେ ନିଜର ଆକାଉଣ୍ଟ ଖୋଲିଥିଲେ। ସ୍ୱାମୀ ଯୁଧିଷ୍ଠିର ପଟ୍ଟନାୟକଙ୍କର ୨୦୦୩ ମସିହାରେ ମୃତ୍ୟୁ ଘଟିବା ପରେ ରେବତୀ ଉକ୍ତ ବ୍ୟାଙ୍କରୁ ଫ୍ୟାମିଲି ପେନସନ ପାଇ ଆସୁଥିଲେ। ହେଲେ ୨୦୨୨ ଜାନୁଆରୀ ୨୪ତାରିଖରେ ରେବତୀ ମୃତ୍ୟୁବରଣ କରିଥିଲେ। ଏହାପରେ ତାଙ୍କ ପରିବାର ଲୋକେ ମୃତ୍ୟୁ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଦୁଇ ଦୁଇଥର ନେଇ ବ୍ୟାଙ୍କରେ ଦାଖଲ କରିଥିଲେ ମଧ୍ୟ ବ୍ୟାଙ୍କ ଅଧିକାରୀ ରେବତୀଙ୍କ ଆକାଉଣ୍ଟ ବନ୍ଦ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦୁଇ ବର୍ଷ ହେଲା ମୃତ ରେବତୀଙ୍କ ବ୍ୟାଙ୍କ ଖାତା ସହ ଜଡ଼ିତ ତାଙ୍କ ପୁଅ ଜୟକୃଷ୍ଣ ପଟ୍ଟନାୟକଙ୍କ ଫୋନ ନମ୍ବରକୁ ବ୍ୟାଙ୍କରୁ ମୃତ ରେବତୀଙ୍କ ନାମରେ ବିଭିନ୍ନ ମେସେଜ ଆସୁଛି। ଏସମ୍ପର୍କରେ ବାରମ୍ବାର ବ୍ୟାଙ୍କରେ ଉକ୍ତ ଆକାଉଣ୍ଟ ବନ୍ଦକୁ ନେଇ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଏହା ଭିତରେ ୩ଜଣ ବ୍ୟାଙ୍କ ମ୍ୟାନେଜରଙ୍କ ବଦଳି ମଧ୍ୟ ହୋଇ ସାରିଲାଣି। ଅନଲାଇନ ଯୋଗେ ଜୟକୃଷ୍ଣଙ୍କ ମୋବାଇଲ ନମ୍ବରକୁ ଆସୁଥିବା ଟଙ୍କାକୁ ମଧ୍ୟ ବ୍ୟାଙ୍କ ମ୍ୟାନେଜର ତାହା ମୃତ ରେବତୀ ପଟ୍ଟନାୟକଙ୍କର କହି ହଇରାଣ କରୁଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ନିଜ ଦୋଷ ଦୁର୍ବଳତାକୁ ଘୋଡାଇବାକୁ ଯାଇ ଗ୍ରାହକଙ୍କୁ ହଇରାଣ କରୁଛି। ତେଣୁ ଯଥାଶୀଘ୍ର ଏହି ସମସ୍ୟା ସମାଧାନ ନହେଲେ ବ୍ୟାଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେବେ ଜୟକୃଷ୍ଣ କହିଛନ୍ତି।

## ନାବାଳକ ଚଳାଉଛନ୍ତି ଗାଡ଼ି; ବଢୁଛି ଦୁର୍ଘଟଣା



**ଶେରଗଡ଼,୨୨।୫(ସମିସ):** ଶେରଗଡ ବ୍ଲକରେ ବହୁ ସଂଖ୍ୟାରେ ନାବାଳକ ଓ ଛାତ୍ରଛାତ୍ରୀ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ଫଳରେ ସେମାନଙ୍କ ଅନଭିଜ୍ଞତା ଓ ଅସାବଧାନତା ଯୋଗୁଁ ବିଭିନ୍ନ ସମୟରେଦୁର୍ଘଟଣା ଘଟି ସେମାନଙ୍କ ମୃତ୍ୟୁ ହେବା ସହ ଅନ୍ୟ ନିରୀହ ଲୋକଙ୍କ ଜୀବନ ମଧ୍ୟ ହାନି ହେଉଛି। ପୁଲିସ ଏନେଇ ଆଦୌ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଲାଇସେନ୍ସ ଯାଞ୍ଚ କରୁନି ପୁଲିସ, ଫଳରେ ଖୁଲମଖୁଲା ବାଇକ ଧରି ତିନିରୁ ଚାରି ଜଣ ଲେଖାଏଁ ବସି ଛାତ୍ରଛାତ୍ରୀ ସ୍କୁଲ, କଲେଜ ଏବଂ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଛନ୍ତି। ସେ ପୁଣି ଦ୍ରୁତ ଗତିରେ। ବ୍ଲକରେ କାଁ ଭାଁ କେତେବେଳେ କେମିତି ସଚେତନତା କାର୍ଯ୍ୟକ୍ରମ ହେଉଛି। ଯାହାର ପ୍ରଭାବ ଶୂନ। ଏପଟେ ଅଭିଭାବକ ମାନେ ମଧ୍ୟ ପିଲାଙ୍କ କଥାରେ ପଡି ଦାମୀ ବାଇକ କିଣି ଦେଉଛନ୍ତି। ହେଲେ ଭୁଲି ଯାଉଛନ୍ତି ଲାଇସେନ୍ସ କଥା,୧୮ ବର୍ଷ ପରେ ଲାଇସେନ୍ସ ପ୍ରଦାନର ବ୍ୟବସ୍ଥା ରହିଥିବା ବେଳେ ୧୨ ରୁ ୧୫ ବର୍ଷର ପିଲା ଶହ ଶହ ସଂଖ୍ୟାରେ ବାଇକ ଚଲାଉଥିବା ଦେଖିବାକୁ ମିଳିଛି। ଏହା ସହ ହେଲମେଟ ମଧ୍ୟ ପିନ୍ଧୁନାହାନ୍ତି। ଚାଳକ ଓ ବସିବା ବ୍ୟକ୍ତି ଉଭୟ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ ସେ ପୁଣି ଆଇଏସଆଇ ମାର୍କା ହୋଇଥିବା ଆବଶ୍ୟକ। ସାଧାରଣ କମ୍ପାନୀର ହେଲମେଟ ପିନ୍ଧିଲେ ଜରିମାନା ପଡିବ ବୋଲି ନିର୍ଦ୍ଦେଶ ନାମା ରହିଛି। ହେଲେ ଶୁଣୁଛି କିଏ, ବୁଝୁଛି କିଏ। ଏଣୁ ଆରଟିଓ, ପୁଲିସ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ମଦ୍ୟପାନ କରି ଗାଡିଚାଳନା କରିବା, ବିନା ଲାଇସେନସ ଧାରୀ ଓ ବିନା ହେଲମେଟଧାରୀଙ୍କୁ ଯାଞ୍ଚ କରି ଜରିମାନା ଆଦାୟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ଯାଞ୍ଚ କରି ଜରିମାନା ଆଦାୟ କରାଯାଉଛି, ତେବେ ସଚେତନତାର ଆହୁରି ଆବଶ୍ୟକ ରହିଛି ବୋଲି ପ୍ରକାଶ କରିବା ସହ ଆଗାମୀ ଦିନରେ ଯାଞ୍ଚକୁ ଆହୁରି କଡାକଡି କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଅନ୍‌ଲାଇନ ଜୁଆ ନିଶାରେ ଯୁବପିଢ଼ି

**ଶେରଗଡ଼,୨୨।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଦଶହରା ବା ଦୁର୍ଗା ପୂଜା ଠାରୁ କୁମାର ଉତ୍ସବ ପର୍ଯ୍ୟନ୍ତ ଯୁବଗୋଷ୍ଠୀ ଜୁଆଖେଳରେ ଲିପ୍ତ ରହୁଥିଲେ। ସେହି ସମୟରେ ସ୍ଥାନୀୟ ପୁଲିସ ପ୍ରଶାସନ ଅତର୍କିତ ଚଢ଼ାଉ କରୁଥିବାରୁ ଯୁବ ଗୋଷ୍ଠୀ ଜୁଆଖେଳରୁ ନିବୃତ୍ତ ରହୁଥିବା ଜଣାପଡିଛି। ତେବେ ଶେରଗଡ ସହର ତଥା ଏହାର ଆଖପାଖ ଅଞ୍ଚଳର ଯୁବପିଢ଼ି ବର୍ତ୍ତମାନ ଅନଲାଇନ ଜୁଆଖେଳରେ ମାତିଥିବା ଜଣାପଡିଛି। ମୋବାଇଲରେ ଅନଲାଇନ ଜୁଆ ଆପ ରମି କଲଚର, ଦମନ, ରମି ସରକଲ, ରମି ଗୋଲ୍ଡ, ରମି କ୍ୟାଶ, ଜୁପି ପରି ଜୁଆ ଆପ ଲୋଡ କରି ଯୁବଗୋଷ୍ଠୀ ଏଥିରେ ମାତିଥିବା ଦେଖିବାକୁ ମିଳିଛି। ଅନେକ ଜୁଆ ଆପ ଲୋଡ କରି ବିଭିନ୍ନ ସ୍ଥାନରେ ଲୁଚିଛପି ଗ୍ରୁପ ହୋଇ ଖେଳୁଥିବା ବେଳେ ଅନେକ ନିଜ ନିଜ ବ୍ୟବସାୟ ଅନୁଷ୍ଠାନରେ ବସି ମୋବାଇଲରେ ଏହି ଜୁଆ ଖେଳି ଲକ୍ଷାଧିକ ଟଙ୍କା ହାରୁଥିବା ଜଣାପଡିଛି। ଅଞ୍ଚଳର କେତେକ ଯୁବକ ହାତ ଉଧାର ଆଣି ଏହି ଜୁଆ ଖେଳି ଲକ୍ଷାଧିକ ଟଙ୍କା ହାରି ନିଜ ପରିବାର ଜ୍ଞାତି କୁଟୁମ୍ବଙ୍କୁ ଛାଡି କେଉଁ ଆଡେ ଫେରାର ହୋଇଯାଉଛନ୍ତି। ଏହି ଜୁଆଖେଳ ଏବେ ଶେରଗଡ ଓ ଏହାର ଆଖପାଖ ଅଞ୍ଚଳର ଅଭିଭାବକ ମାନେ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଛନ୍ତି। ଶେରଗଡ ସହରରେ ଜୁଆ ଓ ଜୁଆଡିଙ୍କ ଆଡ୍ଡା ଧୀରେ ଧୀରେ ବଢୁଥିବା ବେଳେ ଅନାୟାସରେ ଲକ୍ଷାଧିକ ଟଙ୍କା ରୋଜଗାରକୁ ନେଇ ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଏ ଦିଗରେ ପୁଲିସ କୌଣସି ପଦକ୍ଷେପ ନନେବା ଚିନ୍ତାର କାରଣ ପାଲଟିଛି।

**ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ**

## ବେଲପଡ଼ାରେ ଲକ୍ଷ୍ମୀନୃସିଂହ ଯାତ୍ରା



**କୋଦଳା,୨୨।୫(ସମିସ):** କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୮ ନମ୍ବର ୱାର୍ଡ ଇନାମ ବେଲପଡାଠାରେ ପୂଜାପାଉଥିବା ଲକ୍ଷ୍ମୀନୃସିଂହ ମନ୍ଦିରରେ ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଗ୍ରାମର ଉତ୍ସାହି ଯୁବକ ଏବଂ ଗ୍ରାମ କମିଟିଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ସହିତ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଗ୍ରାମରେ ପହଞ୍ଚି ଧାଡ଼ିବାନ୍ଧି ଦର୍ଶନ କରିବା ସହିତ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଳମ୍ବିତ ରାତ୍ରରେ ମହାପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯାଇ ପୁଣି ମନ୍ଦିର ମଧ୍ୟରେ ପ୍ରବେଶ କରାଇଥିଲେ ଗ୍ରାମବାସୀ। ଦିନସାରା ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଅଭିନୟର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି କୃଷ୍ଣ

**ଛତ୍ରପୁର, ୨୨।୫(ସମିସ)**



ମଞ୍ଚ ଉପରେ ହସ, କାନ୍ଦ ସହ ବିଭିନ୍ନ ଇମୋସନକୁ ନେଇ ଅଭିନୟ କରିବା ଏକ ନିଆରା ନିଶା। ନିଜ ଅଭିନୟର ଯାଦୁରେ ଦର୍ଶକଙ୍କୁ ହସେଇବା, କନ୍ଦେଇବା ସହ ମନୋରଞ୍ଜନ ଯୋଗାଇବା ହେଉଛି ଜଣେ କଳାକାରଙ୍କ ପ୍ରକୃତ କାର୍ଯ୍ୟ। ବିଶେଷ କରି ଆଞ୍ଚଳିକ ଯାତ୍ରା କମିଟି ମାନଙ୍କ ଦ୍ୱାରା ଆୟୋଜିତ ଯାତ୍ରାରେ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ହିଁ ଦର୍ଶକଙ୍କ ମନମୁଗ୍ଧ କରିଥାଏ। ତେବେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅଭିନେତା ଜଣକ ନିଜ ବ୍ୟକ୍ତିଗତ ଜୀବନରୁ କେତେବେଳେ ପାଲଟି ଯାଏ ଖଳନାୟକ ତ ଆଉ କେତେବେଳେ ପାଲଟିଯାଏ ନାୟକ। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଲୋକ ନୃତ୍ୟ ଦଣ୍ଡନାଚରେ ସହରର ବହୁ କଳାକାର ମଞ୍ଚ ଉପରେ ସେମାନେ ନିଜ ନିଜ ପ୍ରତିଭା ପ୍ରତିପାଦନ କରିଥିବା ବେଳେ ଛତ୍ରପୁର ସହର ଶ୍ରୀନଗର ସାହିର କୃଷ୍ଣ ପ୍ରସାଦ ମହାପାତ୍ର ମଧ୍ୟ ବଡ଼ ଭାଇ ଭାବେ ଅଭିନୟ କରି ବେଶ ପ୍ରଶଂସିତ ହୋଇଛନ୍ତି। ଛତ୍ରପୁର ସହରର ଜଣେ ବରିଷ୍ଠ କଳାକାର ଓ ସଂଗୀତ ଭୂଷଣ ପ୍ରାପ୍ତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଓ ତାଙ୍କ ଧର୍ମ ପତ୍ନୀ ପ୍ରତିମା ମହାପାତ୍ରଙ୍କ ବଡ଼ପୁଅ ହେଉଛନ୍ତି କୃଷ୍ଣ ପ୍ରସାଦ ମହାପାତ୍ର। ଆଞ୍ଚଳିକ ଯାତ୍ରା ମଞ୍ଚରେ ଚରିତ୍ର ଅଭିନେତା ଭାବେ ଅଭିନୟ କରି ଦର୍ଶକଙ୍କ ଠାରୁ ବେଶ୍ ପ୍ରଶଂସା ଓ ଆଶୀର୍ବାଦ ସାଉଁଟିଛନ୍ତି। ପୂର୍ବରୁ ସେ ଏକ ଦିବସୀୟ ଯାତ୍ରା ଓ ୨୧ ଦିନ କମାପଲ୍ଲୀ ଦଣ୍ଡ ଯାତ୍ରାରେ ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ିରେ ଓକିଲ ଭୂମିକାରେ, ମାଣିକକୁ କିଏ ମଇଲା ମାଡ଼ରେ ଚାକର ବାପା ଭୂମିକାରେ ଏଭଳି ଦଣ୍ଡନାଟ ଯାତ୍ରାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ଚଳିତ ବର୍ଷ ଛତ୍ରପୁର ସୂର୍ଯ୍ୟନଗର ଦଣ୍ଡ ନୃତ୍ୟରେ ୨୧ ଦିନ ଗଞ୍ଜାମର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ହସ ହଜିଗଲା ଆଖି ଲୁହରେ ନାଟକରେ ଅଜୟ ମହାପାତ୍ର ନାମକ ବଡ଼ ଭାଇ ଚରିତ୍ରରେ ନିସ୍ୱକ ଅଭିନୟ କରି ଦର୍ଶକଙ୍କ ଠାରୁ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ତାଙ୍କ ଆଦ୍ୟ ଗୁରୁ ସ୍ୱର୍ଗତ ନରସିଂହ ପଣ୍ଡାଙ୍କ ପ୍ରେରଣା ଓ ନିଜ ବାପାଙ୍କ ଆଦର୍ଶରେ ସେ ଖୋଲା ରଙ୍ଗମଞ୍ଚରେ ଅଭିନୟ କରିବା ପାଇଁ ପ୍ରେରଣା ପାଇଥିବା କହିଛନ୍ତି। ତାଙ୍କୁ ଖୋଲା ରଙ୍ଗମଞ୍ଚରେ ଅଭିନୟ କରିବା ପାଇଁ ସୁଯୋଗ ଯୋଗେଇଥିବା ହରିବନ୍ଧୁ ରେଡ୍ଡୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଜଣେ ଅଭିନେତା ଓ କଳାକାର ପାଇଁ ଦର୍ଶକମାନଙ୍କ ତାଳି ହିଁ ସର୍ବ ଶ୍ରେଷ୍ଠ ହୋଇଥିବାରୁ ତାଙ୍କୁ ଭଲ ପାଉଥିବା ଦର୍ଶକ ମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିବା କହିଛନ୍ତି।

**ସାମାଜିକ ବାସନ୍ଦ**

## ଥାନାଧିକାରୀଙ୍କୁ ଭେଟିଲେ ଗ୍ରାମବାସୀ

**ବ୍ରହ୍ମପୁର,୨୨।୫(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମର ପ୍ରାୟ ୫୦ରୁ ଅଧିକ ହଳଦିଆ ବୈଶ୍ୟ ତୈଳିକ ସମାଜ ପରିବାର ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଛନ୍ତି। ଏହାକୁ ବିରୋଧ କରିବା ସହ ଉଚିତ ନ୍ୟାୟ ଦାବିରେ ମଙ୍ଗଳବାର ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓର ୨୦ ଜଣିଆ ଟିମ୍ ଓ ଗ୍ରାମବାସୀ ସଦର ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଭେଟିବା ସହ ଏହାର ଅନୁସନ୍ଧାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ହଳଦିଆ ବୈଷ୍ୟ ତୈଳିକ ସମାଜ ୫୦ରୁ ଅଧିକ ପରିବାର ନିଜ ସମ୍ପ୍ରଦାୟ ଦ୍ୱାରା ୨ ବର୍ଷ ହେଲା ସାମାଜିକ ବାସନ୍ଦର ଶିକାର ହୋଇ ଆସୁଛନ୍ତି। ଏହି ୫୦ ପରିବାରକୁ ନିଜ ଗ୍ରାମରେ ବିବାହ ସମାରୋହ, ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଅନୁମତି ଦିଆଯାଉନି। କୁକୁଡ଼ାଖଣ୍ଡି ବ୍ଲକ ଏବଂ ପୋଲିସ ଷ୍ଟେସନ ସଦର ଅନ୍ତର୍ଗତ ଅଙ୍କୁଶପୁର ଗାଁର ବାସିନ୍ଦାମାନେ ସାମାଜିକ ବାସନ୍ଦର ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ନେଇ ସ୍ଥାୟୀ ବିକାଶ ଲକ୍ଷ୍ୟ ଟିମ୍ ରବୀନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ଜଣାଇଛନ୍ତି। ଏସଡିଏଲ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ରବୀନ୍ଦ୍ର ମିଶଙ୍କ ନେତୃତ୍ୱରେ ଗ୍ରାମବାସୀ ପୂର୍ବରୁ ଏହି ଘଟଣା ସମ୍ପର୍କରେ ଏସପିଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ। ଏହି ଅବସରରେ ଏସଡିଏଲୟର ସଭାପତି ରବୀନ୍ଦ୍ର ମିଶ୍ର, ସଚିବ ଉମାଶଙ୍କର ସାହୁ, ଉପଦେଷ୍ଟା ପ୍ରଫେସର ଏସ.ଏନ୍ ତ୍ରିପାଠୀ ଏବଂ ପ୍ରଦୀପ ଖଟେଇ, ନାରାୟଣ ପ୍ରଧାନ, କପିଳ ବେହେରା, କୀର୍ତ୍ତନ ସାହୁ, କାମ୍ପନିଧି ସାହୁଙ୍କ ସହିତ ୧୫ ଜଣିଆ ଉପସ୍ଥିତ ଥିଲେ।



